# ଏକାଦଶ ସର୍ଗ - ଗୀତ ୧



*ସୁଚିରମନୁନୟେନ ପ୍ରୀଣୟିତ୍ୱା ମୃଗାକ୍ଷୀଂ*
*ଗତବତି କୃତବେଶେ କେଶବେ କୁଞ୍ଜ-ଶଯ୍ୟାମ୍*
*ରଚିତ-ରୁଚିର-ଭୂଷାଂ ଦୃଷ୍ଟି-ମୋଷେ ପ୍ରଦୋଷେ*
*ସ୍ଫୁରତି ନିରବସାଦାଂ କାପି ରାଧାଂ ଜଗାଦ।*

ଶୁଣ ହେ ସୁଜନ ଏଥି ସୁଧାରସ ବାଣୀ।
ରାଧାର ଅଗ୍ରତେ ସଖୀ କହେ ପୁଣ ପୁଣି।
ବହୁତ ବିନୟ କରି ତୋର ପ୍ରାଣନାଥ।
ଗମିଲା ଯେବଣ କୁଞ୍ଜଶଯ୍ୟା ସୁରଚିତ।
ରୁଚିର ସୁବେଶ ହୋଇ କୁରଙ୍ଗୀନୟନି।
ହରି ପାଶେ ଅଭିସାର କର ଗୋ ମିତଣି।
ପ୍ରସନ୍ନ ହୋଇଣ ମନେ ନ କରସି ଖେଦ।
ସନ୍ଧ୍ୟା ହିଁ ପ୍ରବେଶ ଆସି ଛାଡ଼ ଗୋ ବିଷାଦ।

ବହୁସମୟ ଧରି ଅନୁନୟ ବିନୟ ବଚନରେ ମୃଗାକ୍ଷୀ(ରାଧିକା)ଙ୍କୁ ପରିତୋଷ କରାଇ ଶ୍ରୀକୃଷ୍ଣ ବେଶଭୂଷଣରେ ସୁସଜ୍ଜିତ ହୋଇ କେଳିକୁଞ୍ଜକୁ ଚଳିଯାଆନ୍ତେ, ଗାଢ଼ ଅନ୍ଧକାରମୟ ସନ୍ଧ୍ୟା ସମୟରେ ମନରୁ ସମସ୍ତ ଅବସାଦ ଦୂରକରାଇ ରତିକାଳୀନ ରୁଚିର ବେଶରେ ସଜ୍ଜିତା ହୋଇଥିବା ଶ୍ରୀରାଧାଙ୍କୁ କୌଣସି ଏକ ସଖୀ କହିଲା-

*Govinda, the Exhilarated One*

*After soothing the doe-eyed Rādhā with long supplication Keśava, elaborately dressed, retires to His thicket bed of love. As the darkness thickens in the dusk, the maid seeing her adorned with ornaments urges her to move quickly to the thicket, abandoning all despair.*



*ବିରଚିତ-ଚାଟୁ-ବଚନ-ରଚନଂ ଚରଣେ ରଚିତ-ପ୍ରଣିପାତମ୍।*
*ସଂପ୍ରତି ମଞ୍ଜୁଳ-ବଞ୍ଜୁଳ-ସୀମନି କେଳି-ଶୟନମନୁଯାତମ୍।*
*ମୁଗ୍ଧେ ମଧୁ-ମଥନମନୁଗତମନୁସର ରାଧିକେ। ଧ୍ରୁବଂ।*

---

ଅନେକ ପ୍ରକାରେ ଚାଟୁ କରି ନରହରି। ଚରଣେ ତୋହର ଅତି ବିନୟ ସେ କରି।
ସୁନ୍ଦର ବେତସବନ ଲତା କେଳିସ୍ଥାନ। ତୋର ଆଶେ ବସିଅଛି ଶ୍ରୀମଧୁସୂଦନ।
ବିଳମ୍ବ ନ କରି ଅଭିସର ପ୍ରାଣସହି। ଶୁଭକାର୍ଯ୍ୟେ ହେଳା ତୋର ଉଚିତ ନୁହଁଇ।

---

ହେ ମୁଗ୍ଧେ ରାଧିକେ ! ଆଉ ବିଳମ୍ବ କାହିଁକି ? ଗାଢ଼ ଅନ୍ଧକାରପୂର୍ଣ୍ଣ ସନ୍ଧ୍ୟାସମୟ ଆସି ଉପସ୍ଥିତ ହେଲାଣି। ଶ୍ରୀକୃଷ୍ଣ ତୁମ ନିକଟରେ ନାନାପ୍ରକାର ଚାଟୁ ବଚନ କହିବା ସଙ୍ଗେ ସଙ୍ଗେ ଚରଣରେ ପ୍ରଣିପାତ ହୋଇ ତୁମକୁ ଆନନ୍ଦିତ କରାଇଛନ୍ତି। ବର୍ତ୍ତମାନ ସେ ମଞ୍ଜୁଳ ବେତସକୁଞ୍ଜରେ ତୁମ ସହିତ କେଳି କରିବା ଆଶାରେ ଶୟନ କରିଛନ୍ତି। ତୁମେ ଆଉ ବିଳମ୍ବ ନକରି ସେହି ମଧୁଦୈତ୍ୟର ନିଧନକାରୀ ଏବଂ ତୁମର ଏକାନ୍ତ ଅନୁଗତ ପ୍ରିୟ ଶ୍ରୀକୃଷ୍ଣଙ୍କ ନିକଟକୁ ଅଭିସାରରେ ଗମନକର।

---

*O enchanted Rādhikā ! He has already soothed You with caring words and pleased You by supplicating at Your feet. Now He waits for sensual play in His beautiful bed of reeds. Follow Him, the slayer of the demon Madhu, who is extremely faithful to You.*

*ଘନ-ଜଘନ-ସ୍ତନ-ଭାର-ଭରେ ଦର-ମନ୍ଥର-ଚରଣ-ବିହାରମ୍।*
*ମୁଖରିତ-ମଣି-ମଞ୍ଜୀରମୁପୈହି ବିଧେହି ମରାଳ-ନିକାରମ୍।*

---

ଏ ତୋର ଘନଜଘନ ସ୍ତନଭାରଭରେ, ବଢ଼ାଅ ଚରଣ ସଖି! ଅତି ଧୀରେ ଧୀରେ।
ରୁଣ୍ଣୁଝୁଣ୍ଣୁ ଧ୍ୱନି କରୁ ଏ ମଣିନୂପୁର, ଗମନ ତୋ ଶୋଭା ପାଉ ମତ୍ତମରାଳର।

---

ହେ ରାଧିକେ ! ଉନ୍ନତ ସ୍ତନଭାର ଓ ବିପୁଳ ଜଘନଭାରରେ ଅବନତା ତୁମେ ପିନ୍ଧିଥିବା ମଣିମୟନୂପୁରର ମଧୁଗୁଞ୍ଜନରେ ବନସ୍ଥଳୀକୁ ମୁଖରିତ କରାଇ, ରାଜହଂସୀ ପରି ଶ୍ରୀକୃଷ୍ଣଙ୍କ ନିକଟକୁ ଅଭିସାର କର। ବନଗହନର ଅନ୍ଧକାରମୟ ପଥରେ ଯିବାବେଳେ ତୁମ ମନରେ ଯେଉଁ ଭୟ ଜାତ ହେବ, ସେଥିପାଇଁ ତୁମେ ଧୀରେ ଧୀରେ ପହଣ୍ଡ ପକାଇ ଅଗ୍ରସର ହେବ। ତେଣୁ ତୁମର ସେହି ମନ୍ଥର ଗତି ରାଜହଂସୀର ଗତିକୁ ନିଶ୍ଚିତ ଭାବରେ ତିରସ୍କାର କରିବ।

---

*Swaying Your heavy breasts and shapely hips, move cautiously as Your anklets ring so that Your gait puts in shade that of a swan.*



*ଶୃଣୁ ରମଣୀୟତରଂ ତରୁଣୀ-ଜନ-ମୋହନ-ମଧୁରିପୁରାବମ୍।*
*କୁସୁମ-ଶରାସନ-ଶାସନ-ବନ୍ଦିନି ପିକ-ନିକରେ ଭଜ ଭାବମ୍।*

ଶୁଣ ସଖି! ମଧୁରିପୁ ମୁରଲୀର ଧ୍ୱନି। ମୋହ କରୁଅଛି ଯୁବାବିରହୀ ତରୁଣୀ।
ମନସିଜ ଶାସନ ତୁ ବହିଛୁ ମିତଣି। ମଧୁର ସୁସ୍ୱରେ ଭଜ କୋକିଳର ବାଣୀ।

ଆଗୋ ସଖି ରାଧିକେ ! ହେଇ ଶୁଣ, ତରୁଣୀମାନଙ୍କ ଚିତ୍ତକୁ ମୋହିନେଉଥିବା ଶ୍ରୀକୃଷ୍ଣଙ୍କର ଅତ୍ୟନ୍ତ ରମଣୀୟ ମୁରଲୀଧ୍ୱନି ଶୁଭୁଛି। ତୁମେ ବର୍ତ୍ତମାନ କାମଦେବଙ୍କ ଶରପୀଡ଼ାରେ ମର୍ମନ୍ତୁଦ ଯନ୍ତ୍ରଣା ଅନୁଭବକରି କାମଦଶାର ଅଧୀନା ହୋଇଛ। ତେଣୁ ତୁମେ ଶୀଘ୍ର ଶ୍ରୀକୃଷ୍ଣଙ୍କ ବେତସକୁଞ୍ଜରେ ପ୍ରବେଶ କରି, କୋକିଳଜିଣା ବାଣୀରେ ପ୍ରିୟତମଙ୍କୁ ସନ୍ତୋଷ କରାଅ।

*Listen to the melodious tune of the flute of Madhu's foe which enchants the hearts of Young women. You also appreciate the mood of the cuckoos who are bound by the command of God of love.*





*ଅନିଳ-ତରଳ-କିଶଳୟ-ନିକରେଣ କରେଣ ଲତା-ନିକୁରମ୍ବମ୍।*
*ପ୍ରେରଣମିବ କରଭୋରୁ କରୋତି ଗତିଂ ପ୍ରତି ମୁଞ୍ଚ ବିଳମ୍ବମ୍।*

ସଧୀରେ ବହନ୍ତେ ମନ୍ଦ ମଳୟ ମରୁତ। ଚଳନ୍ତେ ଲତାର ଅଗ୍ରେ ନବ ମୃଦୁ ପତ୍ର।
କରପଲ୍ଲବରେ କି ଏ ଠାରୁଅଛି ତୋତେ। ହରି ପାଶେ ଅଭିସାର କର ତୁ ତୁରିତେ।

ହେ କରଭୋରୁ ରାଧିକେ ! ପବନରେ ଆନ୍ଦୋଳିତ କୋମଳ ପତ୍ରଯୁକ୍ତ ଲତାସମୂହ ତୋର ଗମନ ପାଇଁ ଅନୁକୂଳ ହୋଇଛନ୍ତି। ଅର୍ଥାତ୍ ଲତାଗୁଡ଼ିକ ନିଜନିଜର କୋମଳ ପତ୍ରରୂପକ କରରେ ତୋତେ ସ୍ୱାଗତ ଜଣାଇ ଶୀଘ୍ର ଗମନ ଲାଗି ପ୍ରେରଣା ଦେଉଛନ୍ତି। ତେଣୁ ତୁମେ ଆଉ ଗମନରେ ବିଳମ୍ବ ନ କରି ଶୀଘ୍ର ଶୀଘ୍ର ପ୍ରାଣପ୍ରିୟଙ୍କ କୁଞ୍ଜକୁ ଅଗ୍ରସର ହୁଅ।

*The clustered shoots of vines sway in the wind, and look as if hands are motioning You to quicken Your pace.*

*ସ୍ଫୁରିତମନଙ୍ଗ-ତରଙ୍ଗ-ବଶାଦିବ ସୂଚିତ-ହରି-ପରିରମ୍ଭମ୍।*
*ପୃଚ୍ଛ ମନୋହର ହାର-ବିମଳ-ଜଳ-ଧାରମମୁଂ କୁଚ-କୁମ୍ଭମ୍।*

ଭରସା ବଳିଲା ଭାବ ସୁରତି ତୋହର। କର ତୁ ଗମନ ସଖି ବିଳମ୍ବ ନ କର।
ଘେନି ମୋହର ବଚନ ନ ହୁଅ ବିମନ। ହରଷ ହୋଇଣ ଚଳ ନିକୁଞ୍ଜ ସଦନ।
ମଦନ ତରଙ୍ଗେ ତନୁ ଅତିବଶ ହୋଇ। କୃଷ୍ଣେ ଆଲିଙ୍ଗ କରିବାକୁ ମନଦେଇ।
ଉଲ୍ଲସିତ ହୁଏ କୁଚକୁମ୍ଭ ବେନି ତୋର। ଚଞ୍ଚଳତର ବିମଳ ମୁକୁତାର ହାର।

ହେ ସଖି ରାଧିକେ ! ଯଦି ତୁମର ପବନର ପ୍ରେରଣା ଉପରେ ବିଶ୍ୱାସ ହେଉନାହିଁ, ତେବେ କାମଦେବଙ୍କ ରସତରଙ୍ଗିଣୀର ତରଙ୍ଗ ସଦୃଶ ତଥା କମ୍ପନଯୁକ୍ତ ତୋର ସ୍ତନରୂପକ କଳଶଦୁଇଟିକୁ ପଚାରି ବୁଝିଲୁ ! ତୋର ସ୍ତନଦୁଇଟି ମଧ୍ୟ ଶ୍ରୀକୃଷ୍ଣଙ୍କ ଆଲିଙ୍ଗନ ଲାଗି ବ୍ୟଗ୍ର ହୋଇଉଠିଲେଣି। ସେହି ସ୍ତନକଳଶ ଉପରେ ନିର୍ମଳ ଜଳଧାରା ସଦୃଶ ମଣିହାର ଲମ୍ବିତହୋଇଛି। ପ୍ରିୟତମର ମିଳନ କାମନାରେ ସ୍ତନଦ୍ୱୟ କମ୍ପିତ ହେବାରୁ, ତା' ଉପରେ ପଡ଼ିଥିବା

*Strong waves of desire throb in You, like the throbbing of the garland of pearls upon Your bosom. Ask Your own alluring breast; even they are eager for Hari's embrace.*



*ଅଧିଗତମଖିଳ-ସଖୀଭିରିଦଂ ତବ ବପୁରପି ରତି-ରଣ-ସଜ୍ଜମ୍।*
*ଚଣ୍ଡି ରସିତ-ରସନା-ରବ-ଡିଣ୍ଡିମ ମଭିସର ସରସମଲଜ୍ଜମ୍।*

ଲଜ୍ଜା ନିବାରିଣ ରତିରଣେ ସଜ ହୁଅ। ଦେଖନ୍ତୁ ସକଳ ସଖୀ କୃଷ୍ଣ ପାସେ ଯାଅ।
କଟିମେଖଳା ଶବଦ କରୁ ଏ କିଙ୍କିଣୀ। ସୁରତି-ସମରେ ବୀର ଡିଣ୍ଡିମ ଏ ଜାଣି।

ଆଗୋ ରସବତୀ ରାଧିକେ ! ତୋର ଆଉ ଲଜ୍ଜା କରିବାର କୌଣସି କାରଣ ନାହିଁ। କାରଣ ତୋ' ଜଘନଦେଶରେ ବେଷ୍ଟିତ ହୋଇଥିବା କ୍ଷୁଦ୍ର ଘଣ୍ଟିକାଯୁକ୍ତ ଚନ୍ଦ୍ରହାରର ଶବ୍ଦ ଡିଣ୍ଡିମ ସଦୃଶ ତୋର ମନୋଭାବ ଏବଂ ଅଭିସାର ବିଷୟରେ ସବୁକିଛି ଜଣାଇ ଦେଇସାରିଲେଣି। ତୁ ସୁରତରୂପ ସଂଗ୍ରାମ ପାଇଁ ପୂର୍ଣ୍ଣମାତ୍ରାରେ ସଜ୍ଜିତା ହୋଇଛୁ ବୋଲି ତୋ ସଖୀମାନେ ଜାଣି ସାରିଲେଣି। ତେଣୁ ତୁ ଆଉ ଲଜ୍ଜା ନ କରି ଶୀଘ୍ର ଅଭିସାର କର।

*Oh enraged goddess ! Your friends already know that Your body dressed and armed appropriately is ready for the ensuing battle of sensual dalliance. Even the war-drum beat of Your clanging girdle proclaims Your desire. So eschew all shame.*

*ସ୍ମର-ଶର-ସୁଭଗ-ନଖେନ କରେଣ ସଖୀମବଲମ୍ବ୍ୟ ସଲୀଳମ୍।*
*ଚଳ ବଳୟ-କ୍ୱଣିତୈରବବୋଧୟ ହରିମପି ନିଜ-ଗତିଶୀଳମ୍।*

ମନସିଜ ଶର ଏ ସୁନ୍ଦର ନଖ ତୋର। ଲୀଳାହଂସଗମନି! ଦୋଳାଇ ଚାଲ କର।
ଚଳନ୍ତେ ବଳୟ କଙ୍କଣ କ୍ୱଣିତ ଧ୍ୱନି। ଉଜାଗର ହେଉ ହରି ତବ ଗତି ଶୁଣି।

ହେ ରାଧିକେ ! କନ୍ଦର୍ପର ବାଣ ସଦୃଶ ତୀକ୍ଷ୍ଣ ନଖଯୁକ୍ତ କରରେ ସଖୀ(ମୋର)ର ହାତକୁ ଧରି ଶୀଘ୍ର ଶୀଘ୍ର ଗମନ କର। ତୁ ମୋ' ହାତ ଧରି ଶୀଘ୍ର ଗତିରେ ଗମନକଲେ, ହସ୍ତରେ ଥିବା ବଳୟର ଶବ୍ଦରୁ ଶ୍ରୀକୃଷ୍ଣ ଜାଣିପାରିବେ ଯେ, ତୁ ତାଙ୍କ ନିକଟକୁ ଚଞ୍ଚଳ ଅଭିସାର କରୁଛୁ ଏବଂ ଫଳରେ ସେ ନିଶ୍ଚୟ ଆଶ୍ୱସ୍ତ ହେବେ।

*Lean on Your friend with Your palm that has nails as sharp as the arrows of the god of love and make haste. Let the jingle of Your bangles announce Your coming and alert Hari to fall into your foot steps.*



*ଶ୍ରୀଜୟଦେବ-ଭଣିତମଧୁରୀକୃତ-ହାରମୁଦାସିତ-ବାମମ୍।*
*ହରି-ବିନିହିତ-ମନସାମଧିତିଷ୍ଠତୁ କଣ୍ଠ-ତଟୀମବିରାମମ୍।*

ଅତ୍ୟନ୍ତ ନିର୍ମଳ ଯେ ମୁକୁତାହାର ପ୍ରାୟେ।
ପଦକୁ ପଦ ରଚିଲେ ରାଧାକୃଷ୍ଣ ଲୟେ।
ଜୟଦେବବାଣୀ କୃଷ୍ଣକଥାରେ ଯା ଚିତ୍ତ।
ତା'ର କଣ୍ଠେ ଏହୁ ମାଳରୂପେ ଗୋପୀନାଥ।
ଏ ପଦ ଶ୍ରବଣେ ମୁକ୍ତାହାର ତେଜି ଜନେ।
କାମିନୀଙ୍କ ତେଜି ମଜ୍ଜିବେ ଏ ଗୀତଗାନେ।

ଶ୍ରୀଜୟଦେବ କବିରାଜଙ୍କ ପ୍ରଣୀତ ଏହି ଗୀତଗୁଡ଼ିକ ଭକ୍ତ ଜନତାର ମାନସ ପଟଳରେ ତଥା କଣ୍ଠତଟରେ ନିରବଚ୍ଛିନ୍ନ ଭାବରେ ବିରାଜମାନ କରୁ। ଏହି ଗୀତଗୋବିନ୍ଦରେ ସନ୍ନିବେଶିତ ଗୀତଗୁଡ଼ିକ ମୁକ୍ତାହାରକୁ ତିରସ୍କାର କରୁଛି ଏବଂ ଏହି ଗୀତରସରେ ମଜ୍ଜିଯାଇ ରସିକଜନମାନେ କାମିନୀମାନଙ୍କ ପ୍ରତି ଉଦାସୀନଭାବ ପ୍ରଦର୍ଶନ କରୁଛନ୍ତି।

*May this song composed by Jaẏadeva, more valuable than a necklace, forever reverberate in the throats and minds of the devotees of Hari.*





*ସା ମାଂ ଦ୍ରକ୍ଷ୍ୟତି ବକ୍ଷ୍ୟତି ସ୍ମର-କଥାଂ ପ୍ରତ୍ୟଙ୍ଗମାଲିଙ୍ଗନୈଃ*
*ପ୍ରୀତିଂ ଯାସ୍ୟତି ରଂସ୍ୟତେ ସଖି ସମାଗତ୍ୟେତି ସଂଚିନ୍ତୟନ୍।*
*ସ ତ୍ୱାଂ ପଶ୍ୟତି ବେପତେ ପୁଲକୟତ୍ୟାନନ୍ଦତି ସ୍ୱିଦ୍ୟତି,*
*ପ୍ରତ୍ୟୁଦ୍‌ଗଚ୍ଛତି ମୂର୍ଚ୍ଛତି ସ୍ଥିରତିମଃ ପୁଞ୍ଜେ ନିକୁଞ୍ଜେ ପ୍ରିୟଃ।*

---

ସେ ତୋହର ପତି ଅତି ଆକୁଳଭରରେ। ନିକୁଞ୍ଜ ସଦନେ ବସି ବିଚାରେ ମନରେ।
କାମ-ବିକାରରେ ରାମା ତୋତେ ଦେଖୁଥିବା। ଅତି ପ୍ରୀତ ହୋଇ ଆଲିଙ୍ଗନ ସେ କରିବା।
ଏମନ୍ତ ବିଚାରି ମନେ ଯେବେ ଦେଖୁଥିବା। କମ୍ପମାନ ହୋଇ ତନୁ ପୁଲକ ହୋଇବା।
ଆନନ୍ଦରେ ପ୍ରକାଶ ହୋଇବ ସ୍ୱେଦ ନୀର। ବହୁଥିବ ନୟନୁ ଲୋତକ ଝର ଝର।
ପାଛୋଟି ସେ ଆସୁଥିବ ହୋଇ ତତପର। ଫେରି ନିକୁଞ୍ଜେ ମୂର୍ଚ୍ଛିତ ହେବ ପ୍ରିୟ ତୋର।

---

ଆଗୋ ଅଭିସାରିକେ ! ନିବିଡ଼ ଅନ୍ଧକାରପୂର୍ଣ୍ଣ ବେତସ କୁଞ୍ଜରେ ତୁମର ପ୍ରାଣପ୍ରିୟ ଶ୍ରୀକୃଷ୍ଣ ଅତ୍ୟନ୍ତ ଚିନ୍ତାକୁଳ ହୋଇ ଭାବୁଥିବେ - 'ମୁଁ ଏତେ ଅପରାଧ କରିଥଲେ ହେଁ ମୋ' ପ୍ରାଣପ୍ରିୟା ଅଭିସାରରେ ମୋ' କୁଞ୍ଜକୁ ଆସି ମୋତେ ପ୍ରେମବିହ୍ୱଳିତ ଚିତ୍ତରେ ଅବଲୋକନ କରିବ। କେବଳ ସେତିକି ନୁହେଁ, ସେ ଆହୁରି ମଧ ନିଜର କାମଦଶା ବିଷୟ ବର୍ଣ୍ଣନା କରି ମୋତେ ଉଚ୍ଚାଟ କରିବ। ପ୍ରାଣପ୍ରିୟା ମୋ' ଅଙ୍ଗ ପ୍ରତ୍ୟଙ୍ଗକୁ  ଆଲିଙ୍ଗନ କରି ଅତ୍ୟନ୍ତ ଆନନ୍ଦିତା ହେବ। ତା'ପରେ ମୋ' ପ୍ରିୟତମା ମୋ' ସହିତ ସୁରତକ୍ରୀଡ଼ାରେ ମାତି ମୋତେ ପ୍ରମୁଦିତ କରାଇବ।' ଆଗୋ ସଖୀ ରାଧିକେ! ତୋ' ପ୍ରିୟତମ ଏହିପରି କେତେ କ'ଣ ତୋ' ବିଷୟକ ଚିନ୍ତାରେ ଧ୍ୟାନମଗ୍ନ ହୋଇ ତୋର  ମନୋଜ୍ଞ ରୂପକୁ ଅବଲୋକନ କରିବେ। ତା' ପରେ ତାଙ୍କ ଶରୀରରେ ବିରହଜନିତ କମ୍ପନ ସୃଷ୍ଟି ହେବ। ସେହି କମ୍ପନ ଫଳରେ ତାଙ୍କ ଶରୀର ରୋମାଞ୍ଚିତ ହୋଇଉଠିବ। ସେ ଆନନ୍ଦରେ ଅଧିର ହୋଇଉଠିବ। ଫଳରେ ତାଙ୍କ ଶରୀରରେ ସାତ୍ତ୍ୱିକଭାବ ଜାତହେବ ଏବଂ ତା' ପରେ ସେ ଝାଳରେ ସୁତୁବୁଡୁ ହୋଇଯିବେ। ତୁ କୁଞ୍ଜମଧକୁ ପ୍ରବେଶ କରିଛୁ ବୋଲି ଭାବି ଦ୍ୱାର ନିକଟକୁ ଚାଲିଆସୁଥିବେ ଏବଂ ଦ୍ୱାରଦେଶରେ ତୋତେ ନପାଇ ପୁଣି ନିରାଶ ହୋଇ ଫେରିଯାଇ ମୂର୍ଚ୍ଛିତ ହୋଇପଡୁଥିବେ। ହେ ସଖି ! ତୋ' ବିରହରେ କନ୍ଦର୍ପର ଦଶଦଶା (ସ୍ତମ୍ଭ, ରୋମାଞ୍ଚ, ପୁଲକ, କମ୍ପନ ଓ ମୂର୍ଚ୍ଛା ଆଦି) ମଧ୍ୟରୁ ନଅଗୋଟି ଦଶା ଭୋଗିସାରିବେଣି। ତାଙ୍କର ଦଶମଦଶା (ମୃତ୍ୟୁ) ପ୍ରାପ୍ତ ହେବା ପୂର୍ବରୁ ତୁ ଶୀଘ୍ର ଯାଇ ତାଙ୍କ କୁଞ୍ଜରେ ଉପସ୍ଥିତ ହୋଇଯା।

---

*O dear, how He might be fancying that You would look at Him, tell an amorous tale, embrace His limb, take delight in meeting Him. Your lover looks for You, trembles, bristles, rejoices, sweats, advances, falls and faints in the thicket covered in darkness.*



*ଅକ୍ଷ୍ଣୋର୍ନିକ୍ଷିପଦଞ୍ଜନଂ ଶ୍ରବଣୟୋସ୍ତାପିଞ୍ଛ-ଗୁଚ୍ଛାବଳିଂ।*
*ମୂର୍ଦ୍ଧ୍ନି ଶ୍ୟାମ-ସରୋଜ-ଦାମ କୁଚୟୋଃ କସ୍ତୂରିକା-ପତ୍ରକମ୍।*
*ଧୂର୍ତ୍ତାନାମଭିସାର-ସତ୍ୱରହୃଦାଂ ବିଶ୍ୱଙ୍‌ନିକୁଞ୍ଜେ ସଖି*
*ଧ୍ୱାନ୍ତଂ ନୀଳ-ନିଚୋଳ-ଚାରୁ ସୁଦୃଶାଂ ପ୍ରତ୍ୟଙ୍ଗମାଲିଙ୍ଗତି।*

---

ଅନେକ ପ୍ରକାରେ ସେ କହନ୍ତେ ପ୍ରିୟସଖୀ। ଶ୍ରବଣେ ସୁବେଶ ହୋଏ ସେ ଚନ୍ଦ୍ରମାମୁଖୀ।
ଖଞ୍ଜନ ନୟନେ ଅଞ୍ଜନର ରେଖା ରଞ୍ଜି। କର୍ଣ୍ଣରେ ନୀଳ ତମାଳ ଅବତଂସ ଖଞ୍ଜି।
ଶିରେ ନୀଳୋତ୍ପଳା ପୁଷ୍ପମାଲ୍ୟ ସୁରଚିତା। ସ୍ତନତଟେ ମୃଗମଦ କସ୍ତୁରୀ ଲେଖିତା।
ଅସିତ ନିଚୋଳେ ତନୁ ଆଚ୍ଛାଦିତ କରି। ଚତୁରୀ ଅଭିସାରିକା ଗମନ୍ତି ସୁନ୍ଦରୀ।
ନୀଳ ପରିଧାନ ପ୍ରାୟେ ଗାଢ଼ ଅନ୍ଧକାର। ଆଲିଙ୍ଗନ କରିବ ତୋ ଚାରୁ କଳେବର।

---

ହେ ସଖି ! ଆଖିରେ ଅଞ୍ଜନ, କର୍ଣ୍ଣଯୁଗଳରେ ଗାଢ଼ ନୀଳବର୍ଣ୍ଣ ତମାଳ ସ୍ତବକଗୁଚ୍ଛ, ଶିରରେ ନୀଳକମଳର ମାଳା, ସ୍ତନମଣ୍ଡଳରେ କସ୍ତୂରୀରେ ଚିତ୍ରିତ ପତ୍ରାବଳୀ ରଚନା କରି ଚତୁରୀ ନାୟିକାମାନେ ଅଭିସାରରେ ବାହାରିଥାଆନ୍ତି। କାରଣ ଗାଢ଼ ଅନ୍ଧାର ରଜନୀରେ ଏହାହିଁ ହେଉଛି ଅଭିସାର-ଉପଯୋଗୀ ଭୂଷଣ। ଏହାର ବିଶେଷ କାରଣ ହେଉଛି ସେମାନେ ସର୍ବାଙ୍ଗରେ ପରିଧାନ କରିଥିବା କୃଷ୍ଣବର୍ଣ୍ଣର ଶାଢ଼ୀ ପରି, ନିକୁଞ୍ଜ ସଦନରେ ଗାଢ଼ ଅନ୍ଧକାର ଘୋଟି ସେମାନଙ୍କ ଶରୀରକୁ ଆଲିଙ୍ଗନ କରିଥାଏ। ସର୍ବାଙ୍ଗରେ କୃଷ୍ଣବର୍ଣ୍ଣ ଭୂଷଣ ତଥା ଅନ୍ଧକାର ସଦୃଶ କୃଷ୍ଣ ପରିଧାନ ଫଳରେ ତୋର ଗମନ ମଧ୍ୟ ବାରି ହେବନାହିଁ। ତେଣୁ ତୁ ମଧ୍ୟ ଅନୁରୂପ ବେଶବାସରେ ସଜ୍ଜିତା ହୋଇ ଆଉ ଲଜ୍ଜା ଓ ସଙ୍କୋଚ ନକରି ଶୀଘ୍ର ଅଗ୍ରସର ହୁଅ।

---

*The dense darkness of night with it's charming blue attire embraces the limbs of everybody on earth. In this darkness the fun-lovers, with desire rushing in hearts for amorous dalliance, decorate themselves with dark kohl on eyes, bunches of Tamāḷa leaves on ears, wreaths of blue-lotus on heads and leaf design, of deer musk on breasts.*



*କାଶ୍ମୀର-ଗୌର-ବପୁଷାମଭିସାରିକାଣା-*
*ମାବଦ୍ଧ-ରେଖମଭିତୋ ରୁଚି-ମଞ୍ଜରୀଭିଃ।*
*ଏତତ୍ ତମାଳ-ଦଳ-ନୀଳତମଂ ତମିସ୍ରଂ*
*ତତ୍ ପ୍ରେମ-ହେମ-ନିକଷୋପଳତାଂ ତନୋତି।*

---

ସାତ୍ତ୍ୱିକ ହୃଦୟ ହୋଇ ହରିଣୀ ନୟନୀ। ପ୍ରିୟ କ୍ରୀଡ଼ାରସେ ମଜ୍ଜିଥାଏ ମନ ଘେନି।
ଗମଇ ନିକୁଞ୍ଜ ଲତା ଘନଘୋର ବନେ। ପତି ତାକୁ ଆଲିଙ୍ଗନ କରଇ ସଘନେ।
ଅଭିସାରିକାର ବପୁ ଲାବଣ୍ୟ ସୁଜ୍ୟୋତି। କୁଙ୍କୁମେ ଅଙ୍କିତ ସେ ଗଉରବର୍ଣ୍ଣ କାନ୍ତି।
ଘନତିମିର ନୀଳ ତମାଳ ତନୁ ଆଭା। ରାମାବର ତନୁ ତଥି ହେମଲତା ଶୋଭା।
କନକ କଷିଲା ପ୍ରାୟେ କଷଟି ପଥରେ। ଦିଶଇ ତା ମନୋରମ ଦୃଶ୍ୟ ଅନ୍ଧକାରେ।

---

କୁଙ୍କୁମ ସଦୃଶ ଗୌରବର୍ଣ୍ଣା ନାଗରୀମାନେ ଅଭିସାର ସମୟରେ ମଣିମଞ୍ଜରୀରେ ପରିବ୍ୟାପ୍ତ ହୋଇ, ତମାଳପତ୍ରସଦୃଶ ଗାଢ଼ ଅନ୍ଧକାର ମଧ୍ୟରେ ଗମନ କରୁଥିବା ସମୟରେ, ସେ ଦୃଶ୍ୟ ସୁବର୍ଣ୍ଣକୁ କଷଟି ପଥରରେ କଷିଲାପରି ଉଦ୍‌ଭାସିତ ହୋଇଉଠେ। ସତେଅବା ନାୟିକାର ପ୍ରେମରୂପକ ଶୁଦ୍ଧସୁବର୍ଣ୍ଣ ସେହି ଅନ୍ଧକାର ସଦୃଶ କୃଷ୍ଣବର୍ଣ୍ଣ କଷଟି ପଥରରେ ପରୀକ୍ଷିତ ହେଉଛି କି? ଅର୍ଥାତ୍ ହେ ସଖି ! ତୋ' ପରି ଗୌରବର୍ଣ୍ଣା କନକଗୋରୀ, ଶ୍ରୀକୃଷ୍ଣଙ୍କ ନବଘନ ଶରୀର ସଦୃଶ କଷଟି ପଥରରେ ଚହଟିଉଠିବ।

---

*When the saffron coloured adulteresses rush for secrete dalliance, the tender creeping vines entangle their feet, like lines of obstacles. In this deep darkness, as dense as Tamāḷa leaves, the purity of their love is tested, as gold on dark touch stones.*



*ହାରାବଳୀ-ତରଳ-କାଞ୍ଚନ-କାଞ୍ଚି-ଦାମ*
*ମଞ୍ଜୀର-କଙ୍କଣ-ମଣି-ଦ୍ୟୁତି-ଦୀପିତସ୍ୟ।*
*ଦ୍ୱାରେ ନିକୁଞ୍ଜ-ନିଳୟସ୍ୟ ହରିଂ ବିଲୋକ୍ୟ*
*ବ୍ରୀଡ଼ାବତୀମଥ ସଖୀମିୟମିତ୍ୟୁବାଚ।*

---

ଚରଣେ ନୂପୁର କରେ କନକ କଙ୍କଣ। ଜଡ଼ିତ ହୋଇଛି ଯହିଁ ନାନା ମଣିଗଣ।
ସଭୟ ହୋଇଣ ମତ୍ତକୁଞ୍ଜର ଗମନୀ। ପ୍ରବେଶ କୁଞ୍ଜ ସଦନେ ସଖୀ ସଙ୍ଗେ ଘେନି।
ତରଳ ସରଳ ଅମଳ ମୁକୁତା ହାର। କଟିତଟେ ମେଖଳା କିଙ୍କିଣୀ ସୁବର୍ଣ୍ଣର।
ନୂପୁର କରଭୂଷଣ ବଳୟ ବିରାଜେ। ନାନା ରତ୍ନ ମଣିଗଣ ତେଜପୁଞ୍ଜେ ଗଞ୍ଜେ।
ନିକୁଞ୍ଜ ସଦନ ଦ୍ୱାରେ ମିଳି ଶଶିମୁଖୀ। ସଲଜ୍ଜ ହୋଇଲା ଶ୍ରୀକୃଷ୍ଣର ମୁଖ ଦେଖି।
ଉତ୍ସୁକେ ଅପାଙ୍ଗେ ଚାହିଁ ନୁହଁଇ ବଦନ। ଦେଖି ବୋଇଲା ଚତୁରୀ ସଖୀ ରାଧେ ଶୁଣ।

---

କନକମୟ ହାରାବଳୀ ମଣିନିର୍ମିତ କେୟୂର କଙ୍କଣ ତଥା ଚନ୍ଦ୍ରହାର ବା ଅଣ୍ଟାସୂତାର ସ୍ନିଗ୍ଧ ତଥା ତରଳ ଦ୍ୟୁତିରେ ଝଲମଲ ହୋଇ ଶୋଭା ପାଉଥିବା ନିକୁଞ୍ଜସଦନରେ ଶ୍ରୀକୃଷ୍ଣଙ୍କୁ ଅବଲୋକନ କରି ଅତିଶୟ ଲଜ୍ଜାରେ ଜୁଡୁବୁଡୁ ହୋଇଥିବା ଶ୍ରୀରାଧାଙ୍କୁ ସଖି କହିଥିଲା।

---

*When Rādhā sees Hari standing in front of the creeper abode resplendent in His jewel necklace, a pendant, a golden rope belt, armlets and wristbands, she stops out of modesty. Then she is urged on by her friend.*

# ଏକାଦଶ ସର୍ଗ - ଗୀତ ୨



*ମଞ୍ଜୁତର-କୁଞ୍ଜ-ତଳ-କେଳି-ସଦନେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ ରତି-ରଭସ-ହସିତ-ବଦନେ।*

ସୁନ୍ଦର ନିକୁଞ୍ଜ ଲତା କ୍ରୀଡ଼ାର ମନ୍ଦିର। ପରବେଶ ହୁଅ ତୁ ମାଧବ ସନ୍ନିଧିର।
ମଦନେ ଉନ୍ମତ୍ତ ତୋର ବଦନ ସହାସ୍ୟ। କର ସଖି! ବିବିଧ ପ୍ରକାରେ କେଳିରସ।

ହେ ରାଧେ ! ଅତ୍ୟନ୍ତ ମନୋଜ୍ଞ କୁଞ୍ଜଗୃହ ଭିତରକୁ ତୁ ପ୍ରବେଶ କର। ସୁରତ କ୍ରୀଡ଼ାଉପଯୋଗୀ ସକଳ ମନୋରମ ପରିବେଶରେ ପରିପୂର୍ଣ୍ଣ ଏହି କୁଞ୍ଜଗୃହରେ ମାଧବ ରହିଛନ୍ତି। ତୁ ତାଙ୍କ ନିକଟକୁ ଯାଇ ସୁରତ ଲୀଳାରେ ବିଳାସ କର। ବିଶେଷତଃ ମାଧବଙ୍କ ସହିତ ରତିକେଳିରେ ମାତିବାକୁ ତୋର ଯେଉଁ ଆଗ୍ରହ ଜାତହୋଇଛି, ତା' ଫଳରେ ତୋ' ମୁଖମଣ୍ଡଳରେ ହସ ଉକୁଟି ଉଠିଛି।

*O Rādhā, enter the intimate world of Mādhava, in the lovely abode beneath the creeper bower and revel in ecstatic dalliance with the pleasure of a langhing face.*



*ନବ-ଭବଦଶୋକ-ଦଳ-ଶୟନ-ସାରେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ କୁଚ-କଳଶ-ତରଳ-ହାରେ।*

ନବୀନ ଅଶୋକଦଳ କୋମଳ ଶେଯରେ। ହରି ତୁଲେ କ୍ରୀଡ଼ା କର ମନ ସରାଗରେ।
ଏ ତୋହର ଘନକୁଚକୁମ୍ଭ ଉରୁ ପର। ଶୋଭିତ ତରଳ ଅତି ମୁକୁତାର ହାର।

ହେ ରାଧିକେ ! ତୁ ମାଧବଙ୍କ ନିକଟରେ ପ୍ରବେଶ କରି ନବ-ଅଶୋକଦଳରେ ନିର୍ମିତ କୋମଳ ଶେଯରେ ଶୟନ କରିବା ସଙ୍ଗେ ସଙ୍ଗେ ରତିରସରେ ବିଳାସ କର। ତୋର ଉନ୍ନତ ପୟୋଧର ରୂପକ କଳଶ ଉପରେ ଗଳାରେ ଶୋଭିତ ମଣିହାର ଚଞ୍ଚଳଗତିରେ ଦୋହଲି ଉଠୁଛି। ଏଥିରୁ ତୋର ରମଣଇଚ୍ଛା ବେଶ୍ ଜଣାପଡୁଛି। ତୁ ଆଉ ବିଳମ୍ବ ନକରି କୃଞ୍ଜଗୃହକୁ ପ୍ରବେଶକର।

*Go near Mādhava and lie on the precious bed of fresh Aśoka buds and have the dalliance, swaying your pearl necklace upon Your shapely breasts.*

*କୁସୁମଚୟ-ରଚିତ-ଶୁଚି-ବାସ-ଗେହେ।*
*ପ୍ରବଶ ରାଧେ ମାଧବ-ସମୀପମିହ*
*ବିଳସ କୁସୁମ-ସୁକୁମାରଦେହେ।*

ବିବିଧ କୁସୁମେ ହୋଇଅଛି ଆଚ୍ଛାଦନ। ଚାରୁ ମନୋହର ଏହି ଲତାର ସଦନ।
କୃଷ୍ଣତୁଲେ ଏଥି କୁତୂକିନୀ ହୁଅ ସହି। କୁସୁମହୁଁ ଅତି ସୁକୁମାର ତୋର ଦେହୀ।

ନାନାବିଧ ସୁବାସିତ କୁସୁମରେ ଏହି କେଳିକୁଞ୍ଜ ମଣ୍ଡିତ ହୋଇଛି। ତା’ ଫଳରେ ଏହି ବେତସକୁଞ୍ଜ ଅତ୍ୟନ୍ତ ସୁରଭିତ ହୋଇଉଠିଛି। ହେ କୁସୁମତୁଲ୍ୟ ସୁକୁମାରଦେହୀ ରାଧିକେ, ତୁ ଏହି କୁଞ୍ଜସଦନକୁ ପ୍ରବେଶ କରି, ମାଧବଙ୍କ ସହିତ କେଳିରସରେ ନିମଜ୍ଜିତ ହୁଅ।

*The abode, decorated with flowers, has become sacred. Enter O Rādhā the intimate world of Mādhava and revel with your flower-soft body.*



*ଚଳ-ମଳୟ-ବନ-ପବନ-ସୁରଭି-ଶୀତେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ ରସ-ବଳିତ-ଲଳିତ-ଗୀତେ।*

ବହଇ ସୁଗନ୍ଧ ମନ୍ଦ ମଳୟ ମରୁତ। କର ରତିରଙ୍ଗ ସଖି! ଘେନି ଯଦୁନାଥ।
ସୁସ୍ୱରେ ଲଳିତ ତୋର ଆଳାପିତ ବାଣୀ। ସନ୍ତୋଷ ହେଉ ମାଧବ ଶ୍ରବଣରେ ଶୁଣି।

ଶୃଙ୍ଗାରରସରେ ନିମଜ୍ଜିତ ହୋଇ ମଧୁମୟ ଲଳିତ ଗୀତ ଗାନରେ ତୁ ଆତ୍ମବିଭୋର ହୋଇଉଠିଛୁ। ମୃଦୁମନ୍ଦ ଗତିରେ ମଳୟବନରୁ ସୁଗନ୍ଧିତ ପବନ ବହିଆସି ଶରୀରକୁ ଶୀତଳ କରୁଛି। ଏପରି ଏକ ମଧୁମୟ ପରିବେଶରେ ତୁ ମାଧବଙ୍କ କୁଞ୍ଜରେ ପ୍ରବେଶ କରି ତାଙ୍କ ସହିତ ରତିରସରେ ବିଳାସ କର।

*The cool fragrant breeze from the sandal forest is blowing.*
*Revel with a joyous song on Your lips.*

*ବିତତ-ବହୁ-ବଲ୍ଲି-ନବ-ପଲ୍ଲବ-ଘନେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ ଚିରମଳସ-ପୀନ-ଜଘନେ।*

ବିବିଧ ପ୍ରକାର ଲତା ପଲ୍ଲବ ଗହନ। ରଚିଅଛି ଶଯ୍ୟା ହରି ବିସ୍ତାର କରିଣ।
ଏ ତୋର ଘନଜଘନ ଅଳସେ ମନ୍ଥର। ସଫଳ ହୋଇ ବିହାର କରୁ ଦାମୋଦର।

ହେ ରାଧିକେ ! ଏହି କୁଞ୍ଜସଦନ ନାନାବିଧ ଲତାଗୁଡ଼ିକର ନବପଲ୍ଲବରେ ବହଳ ଭାବରେ ଆଚ୍ଛାଦିତ ହୋଇଛି। ତୋର ପୃଥୁଳ ଜଘନଯୁଗଳ ମଧ ଅଳସରେ ଶିଥିଳିତ ହୋଇଗଲାଣି। ତୁ ଆଉ ବିଳମ୍ବ ନକରି କୁଞ୍ଜରେ ପ୍ରବେଶକରି ମାଧବଙ୍କ ସହିତ କେଳିରସରେ ନିମଜ୍ଜିତ ହୁଅ।

*Your voluptuous hips have languished too long.*
*Go and revel in the tangles of new shoots growing on creeping vines.*



*ମଧୁ-ମୁଦିତ-ମଧୁପ-କୁଳ-କଳିତ-ରାବେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ ମଦନ-ଶର ରଭସ-ଭାବେ।*

ପୁଷ୍ପମକରନ୍ଦପାନେ ଅତି ପ୍ରମୋଦିତ। କରୁଛନ୍ତି ଧ୍ୱନି ମଧୁକର ହୋଇ ମତ୍ତ।
ମନସିଜ ଶରରେ ପୀଡ଼ିତ ଅଙ୍ଗ ତୋର। କର ତୁ ବିନୋଦ ସଖି, ଘେନି ଯଦୁବୀର।

ହେ ରାଧିକେ ! ସେହି ବେତସକୁଞ୍ଜକୁ, ପୁଷ୍ପମଧୁ ପାନ କରି ଭ୍ରମରମାନେ ଆନନ୍ଦବିଭୋର ଚିତ୍ତରେ, ଗୁଣୁଗୁଣୁ ରାବରେ ଝଙ୍କୃତ କରୁଛନ୍ତି। ତୁ ମଧ କାମଦେବଙ୍କ ପଞ୍ଚଶରରେ ପୀଡ଼ିତା ହୋଇ ରସଭାବରେ ସରସ ହୋଇଛୁ। ତେଣୁ ଶୀଘ୍ର କୁଞ୍ଜ ମଧରେ ତୋ'ରି ଅପେକ୍ଷାରେ ବସିଥିବା ମାଧବଙ୍କ ସମୀପକୁ ଯାଇ ତାଙ୍କ ସହିତ ବିଳାସରସରେ ମଜ୍ଜିଯାଅ।

*The swarming bees drunk on honey buzz soft tones. Revel O Rādhā, with your heart full of sensuous desire.*



*ମଧୁ-ତରଳ-ପିକ-ନିକର-ନିନଦ-ମୁଖରେ।*
*ପ୍ରବିଶ ରାଧେ ମାଧବ-ସମୀପମିହ*
*ବିଳସ ଦଶନ-ରୁଚି-ରୁଚିର-ଶିଖରେ।*

ଦେଖ ସଖି! ସରସ ଏ ବସନ୍ତର କାଳ। ମୃଦୁ ସୁମଧୁର ଧ୍ୱନି କରନ୍ତି କୋକିଳ।
ଏସନ ସମୟେ ହରି ତୁଲେ କେଳି କର। ଡାଳିମ୍ବ ବୀଜ ଗଞ୍ଜିତ ଦନ୍ତପନ୍ତି ତୋର।

ହେ ରାଧିକେ ! ମାଧବଙ୍କ ଲତାକୁଞ୍ଜ ପିକ (କୋକିଳ)ମାନଙ୍କ ମଧୁର କୂଜନରେ ଗୁଞ୍ଜରିତ ହୋଇଛି। ତୋର ଦାଡ଼ିମବୀଜ ସଦୃଶ ଦନ୍ତପଙ୍କ୍ତିରୁ ଯେଉଁ ମନୋରମ ଦ୍ୟୁତି ପ୍ରକାଶପାଉଛି, ସେଥିରେ କଳାମାଣିକ ଶ୍ରୀକୃଷ୍ଣ ଉଦ୍‌ଭାସିତ ହୋଇଉଠୁଛନ୍ତି। ଅର୍ଥାତ୍, ରତିବିଳାସ ଲାଗି ଉତ୍ସୁକିନୀ ରାଧିକେ, ତୁମ ମୁଖରୁ ହସର ଫୁହାରା ଛୁଟି ମାଧବଙ୍କୁ ପ୍ରମୁଦିତ କଲାଣି। ତେଣୁ ତୁ ଆଉ ବିଳମ୍ବ ନକରି, ମାଧବଙ୍କ ନିକଟକୁ ଯାଇ ରତିବିଳାସରେ ବିଳସିନୀ ହୋଇଯାଆ।

*Revel where the cries of flocking cuckoos sing sweetly, O Rādhā, go to Mādhava with a smile which reveal Your teeth which glow like the seeds of ripe pomegranate.*

*ବିହିତ-ପଦ୍ମାବତୀ-ସୁଖ-ସମାଜେ।*
*କୁରୁ ମୁରାରେ ମଙ୍ଗଳ-ଶତାନି*
*ଭଣତି ଜୟଦେବ-କବି-ରାଜ-ରାଜେ।*

କବିରାଜରାଜ ଜୟଦେବ ହରିଭକ୍ତ। ରାଧାକୃଷ୍ଣଲୀଳା ରଚେ ପଦ୍ମାବତୀକାନ୍ତ।
ମୁର ନାମା ଦୈତ୍ୟ ନାଶି ନାମ ଯା ମୁରାରି। ସେ ତାହାଙ୍କ ମଙ୍ଗଳ କରନ୍ତୁ ମୋଦ ଭରି।

କବିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଅଟନ୍ତି ଯେଉଁ ଜୟଦେବ କବି ସେ ପଦ୍ମାବତୀଙ୍କ ସୁଖ ବିଧାନ ପାଇଁ ଗୋବିନ୍ଦଙ୍କ ଗୀତ ଗାନ କରୁଛନ୍ତି। ହେ ମୁରାରେ ! ସେହି ଜୟଦେବଙ୍କର ଅଶେଷ ମଙ୍ଗଳ ବିଧାନ କର।

*Jaẏadeva, the king among poets, sings this song to please Padmāvatī.*
*O Murāri grant a hundred holy blessings to Him.*



*ତ୍ୱାଂ ଚିତ୍ତେନ ଚିରଂ ବହନ୍ନୟମତିଶ୍ରାନ୍ତୋ ଭୃଶଂ ତାପିତଃ*
*କନ୍ଦର୍ପେଣ ଚ ପାତୁମିଚ୍ଛତି ସୁଧା-ସମ୍ବାଧ-ବିମ୍ବାଧରମ୍।*
*ଅସ୍ୟାଂଗଂ ତଦଳଂକୁରୁ କ୍ଷଣମିହ ଭ୍ରୂକ୍ଷେପ-ଲକ୍ଷ୍ମୀ-ଲବ-*
*କ୍ରୀତେ ଦାସ ଇବୋପସେବିତ-ପଦାମ୍ଭୋଜେ କୁତଃ ସମ୍ଭ୍ରମଃ।*

ଚିରକାଳୁଣ ଧରି ତୋତେ ଚିତ୍ତରେ ମୁରାରି।
ଅତି ଶ୍ରମ ପାଇଣ ଅଛଇ ତାପ ଧରି।
କନ୍ଦର୍ପବାଧାଏ ଇଚ୍ଛା କରିଛି ମନରା।
ତୋ ବିମ୍ବାଧରୁ ପିଇବ ସୁଧାମଧୁଝରା।
ଏ ତୋହର ସୁବାସିତ ରୁଚିର ସୁଅଙ୍ଗ।
କ୍ଷଣେ ମାତ୍ର କର ସଖି! ହରି କୋଳେ ସଙ୍ଗ।
ସୁରଙ୍ଗ ଭ୍ରୂଲତା ଚାରୁ ଅପାଙ୍ଗରେ ଚାହିଁ।
ଦାସ ଯେହ୍ନୁ ପୀତବାସ କର ତା'ରେ ତ୍ରାହି।
ଯହୁଁ ସେ କେଶବ ତବ ଚରଣ ଅମ୍ବୁଜେ।
ସେବିତ ହୋଇଛି ସେହୁ ତ୍ରିଭୁବନରାଜେ।
କୋପ ତେଜି ଅନୁରାଗ କରସି ସୁନ୍ଦରି।
ଦୋଷ ଗୁଣ ନ ଧର ତା ଯେହ୍ନୁ ସ୍ନେହକାରୀ।

ହେ ରାଧିକେ ! ତୋ' ବିଷୟରେ ସଦାସର୍ବଦା ହୃଦୟରେ ଚିନ୍ତା ଓ ମଦନ ଶରରେ ବାରମ୍ବାର ପୀଡ଼ିତ ଶ୍ରୀକୃଷ୍ଣ ଅତ୍ୟନ୍ତ ପରିଶ୍ରାନ୍ତ ହୋଇ, ସୁଧାରସ ପରିପୂର୍ଣ୍ଣ ତୋର ବିମ୍ବାଧରରୁ ମଧୁପାନ ଲାଗି ବ୍ୟାକୁଳ ହୋଇଛନ୍ତି। ତୁ ଆଉ ବିଳମ୍ବ ନକରି ତାଙ୍କ କୋଳ ମଣ୍ଡନ କରି ଅଭିଳାଷ ପୂର୍ଣ୍ଣକର। ଆଖିର ଇଶାରାମାତ୍ରକେ ଯେ କ୍ରୀତଦାସ ପରି ତୋ' ପାଦପଙ୍କଜରେ ସେବା କରିବାକୁ ପ୍ରସ୍ତୁତ ଅଛନ୍ତି, ତାଙ୍କ ପରି ଅନୁଗତଜନଙ୍କଠାରେ ସଙ୍କୋଚ କରିବାରେ ଲାଭ କ'ଣ ? ଅର୍ଥାତ୍ ହେ ବିଳାସିନି ! ତୁ ସଙ୍କୋଚ ତ୍ୟାଗ କରି ଶ୍ରୀକୃଷ୍ଣ କୋଳରେ ବସି ତାଙ୍କ ଅଭିଳାଷ ପୂରଣକର।

*Bearing You in mind for long and tortured by the god of love he is wearied now. He longs to drink nectar from Your berry-red lips. Now adorn His body. With a single glance from You he will serve under Your feet as a slave. Why are You reticent?*



*ସା ସସାଧ୍ୱସମାନନ୍ଦଂ ଗୋବିନ୍ଦେ ଲୋଲ-ଲୋଚନା।*
*ସିଞ୍ଜାନ-ମଞ୍ଜୁ-ମଞ୍ଜୀରଂ ପ୍ରବିବେଶ ନିବେଶନଂ।*

ଶୁଣିଣ ରାଧିକା ସହଚରୀର ବଚନ। ସସ୍ନେହ ସଲଜ୍ଜଭରେ ଘେନିଅଛି ମନ।
ସାନନ୍ଦେ ଆଲୋଳ ନେତ୍ରେ ଅପାଙ୍ଗରେ ଢାଳି। ଗୋବିନ୍ଦ ବଦନ ଆଲୋକନେ ନବବାଳୀ।
ରୁଣୁଝୁଣୁ ନୂପୁର ବଜାଇ ସୀମନ୍ତିନୀ। ପଶିଲା କୁଞ୍ଜସଦନେ ମରାଳଗମନୀ।

ସଖୀ ମୁଖରୁ ଏପରି ଉତ୍ସାହଜନକ ବାଣୀ ଶୁଣି ଆନନ୍ଦରେ ଅଧୀରା ହୋଇଥିବା ଶ୍ରୀରାଧା ପାଦର ନୂପୁରକୁ ମୃଦୁମନ୍ଦ ଧ୍ୱନିରେ ଅନୁରଣିତ କରାଇ ଶ୍ରୀକୃଷ୍ଣଙ୍କ ଆଡ଼କୁ ଚଞ୍ଚଳ ଲୋଚନରେ ଚାହିଁ ଲତାଗୃହ ମଧ୍ୟକୁ ପ୍ରବେଶକଲେ।

*With the sweet sound of ringing anklets she enters His abode with both joy and apprehension fixing her restless eyes on Govinda.*

# ଏକାଦଶ ସର୍ଗ - ଗୀତ ୩





*ରାଧା-ବଦନ-ବିଲୋକନ-ବିକଶିତ-ବିବିଧ-ବିକାର-ବିଭଙ୍ଗମ୍।*
*ଜଳନିଧିମିବ ବିଧୁ-ମଣ୍ଡଳ-ଦର୍ଶନ-ତରଳିତ-ତୁଙ୍ଗତରଙ୍ଗମ୍।*
*ହରିମେକ-ରସଂ, ଚିରମଭିଳଷିତ-ବିଳାସମ୍।*
*ସା ଦଦର୍ଶ ଗୁରୁ-ହର୍ଷ-ବଶଂବଦ-ବଦନମନଙ୍ଗ-ବିକାଶଂ। ଧ୍ରୁବଂ।*

ଏଥୁ ଅନନ୍ତରେ ଶୁଣ ହେ ସୁଜନ। ହରି ଚାହିଁଲେ ରାଧାର ବଦନ।
ଦେଖି ବିବିଧ ଦୁଃଖ ପରିହରି। ସିନ୍ଧୁ ପ୍ରମୋଦ ଲଭଇ ତେସନ।
ଯହୁଁ ବହୁତ କାଳରୁ ବିଚ୍ଛେଦ। ହରି ଏକରସ କେଳି ବିନୋଦ।
ତାଙ୍କୁ ଚାହିଁ ହୁଏ ଅତି ହରଷ। ମୁଖେ କୋଟି ମଦନ ପରକାଶ।

ପୂର୍ଣ୍ଣିମାର ଚନ୍ଦ୍ରମଣ୍ଡଳକୁ ଦେଖି ପ୍ରବଳ ତଥା ତୁଙ୍ଗ ତରଙ୍ଗମାଳାରେ ହର୍ଷ ପ୍ରକଟ କରୁଥିବା ସମୁଦ୍ର ସଦୃଶ ଶ୍ରୀକୃଷ୍ଣଙ୍କୁ କୁଞ୍ଜ ସଦନରେ ଶ୍ରୀରାଧା ଅବଲୋକନ କରିଥିଲେ। ସେତେବେଳେ ଶ୍ରୀରାଧାଙ୍କ ମୁଖଚନ୍ଦ୍ରମାର ଦର୍ଶନରେ ଶ୍ରୀକୃଷ୍ଣଙ୍କ ମନରେ ନାନା ପ୍ରକାର କାମବିକାର ଜାତହୋଇଥିଲା। ସେ ଶୃଙ୍ଗାରରସର ମୂର୍ତ୍ତିମାନ୍ ପ୍ରତୀକରୂପେ ପରିଲକ୍ଷିତ ହେଉଥିଲେ। ବହୁକାଳରୁ ଶ୍ରୀରାଧାଙ୍କ ସହିତ କେଳିରସରେ ନିମଜ୍ଜିତ ହେବାକୁ ସେ ଇଚ୍ଛାକରୁଥିବାରୁ ସେହି ଆଶା ପରିପୂର୍ଣ୍ଣ ହେବାର ନିଶ୍ଚିତତା ଜାଣି ତାଙ୍କ ମନରେ ଅପାର ହର୍ଷ ଜାତହୋଇଥିଲା ଏବଂ ତାଙ୍କ ମୁଖମଣ୍ଡଳରେ କାମଭାବନା ସ୍ପଷ୍ଟଭାବରେ ପରିସ୍ଫୁଟ ହେଉଥିଲା।

*Several emotions swell up within Him when he sights Rādhā's face, like sea waves rising up with the appearance of the full moon. Realizing that His long-cherished desire for sensuous dalliance with her is going to be fulfilled, Hari becomes ecstatic and His face easily reflects that mood.*



*ହାରମମଳତର-ତାରମୁରସି ଦଧତଂ ପରିଲମ୍ବି ବିଦୂରମ୍।*
*ସ୍ଫୁଟତର-ଫେନ-କଦମ୍ବ-କରମ୍ବିତ-ମିବ ଯମୁନା-ଜଳ-ପୂରମ୍।*

ହାର ମୁକୁତା ତା'ର ସୁତରଳ। ଲମ୍ବି ପଡ଼ିଅଛି ଉରମଣ୍ଡଳ।
କି ଏ କାଳିନ୍ଦୀ ନଦୀର ପ୍ରବାହ। ଭାସମାନ ତଥି ଫେନ ସମୂହ।

ସେ ସମୟରେ ଶ୍ରୀକୃଷ୍ଣଙ୍କ ବକ୍ଷଦେଶରେ ଅତ୍ୟନ୍ତ ବିଶୁଦ୍ଧ ତଥା ନିର୍ମଳ ମୁକ୍ତାହାର ଶୋଭାପାଉଥିଲା। ସେ ଦୃଶ୍ୟ ଦେଖିଲେ ମନେହେଉଥିଲା ସତେ ଯେପରି ନୀଳବର୍ଣ୍ଣ ଯମୁନା ଜଳରେ ଅତି ଧବଳ ଫେନସମୂହ ଭାସମାନ ହେଉଛି। ଏହିପରି ଭାବରେ ମୁକ୍ତାହାରଦ୍ୱାରା ପରିଶୋଭିତ ଶ୍ରୀକୃଷ୍ଣଙ୍କୁ ରସବତୀ ରାଧା ଦର୍ଶନ କରିଥିଲେ।

*The chain of bright pearls dangles on His chest which looks like swells of foam in the churning water of Ẏamunā.*

*ଶ୍ୟାମଳ-ମୃଦୁଳ-କଳେବର-ମଣ୍ଡଳ-ମଧିଗତ-ଗୌର-ଦୁକୂଳମ୍।*
*ନୀଳ-ନଳିନମିବ ପୀତ-ପରାଗ-ପଟଳଭର-ବଳୟିତ-ମୂଳମ୍।*

ଶ୍ୟାମ କୋମଳ କାନ୍ତି କଳେବର। ମଧ୍ୟେ ବଳିତ ହରିତ ଅମ୍ବର।
କି ଏ ବିକଶିତ ନୀଳକମଳ। ପୀତ ପରାଗେ ଆବେଷ୍ଟିତ ମୂଳ।

ଶ୍ରୀକୃଷ୍ଣ ନିଜର ନୀଳମେଘ ସଦୃଶ ଶ୍ୟାମଳ କଳେବରରେ ପୀତାମ୍ବର ଧାରଣ କରିଥିଲେ। ସେ ଦୃଶ୍ୟ ଦେଖିଲେ ମନେହେଉଥିଲା ସତେ ଯେପରି, ନୀଳକମଳ ମୂଳରେ ପୀତବର୍ଣ୍ଣ ପୁଷ୍ପରେଣୁ ସମୂହ ବଳୟ ଆକାରରେ ପରିଶୋଭିତ ହେଉଛି କି? ଏ ପ୍ରକାର ଅପରୂପ ଶୋଭା-ବିମଣ୍ଡିତ ଶ୍ରୀକୃଷ୍ଣଙ୍କୁ ରସବତୀ ରାଧିକା କୁଞ୍ଜସଦନରେ ଅବଲୋକନ କରିଥିଲେ।

*He wraps His cloud-blue body with a fine yellow silk clolh. It seems as if a dense cluster of yellow pollen, with its base, has been wrapped around a dark lotus.*



*ତରଳ-ଦୃଗଞ୍ଚଳ-ଚଳନ-ମନୋହର ବଦନ-ଜନିତ-ରତି-ରାଗମ୍।*
*ସ୍ଫୁଟ-କମଳୋଦର-ଖେଳିତ-ଖଞ୍ଜନ-ଯୁଗମିବ ଶରଦି ତଡ଼ାଗମ୍।*

ଅତି ତରଳ ଲୋଚନ ଚଞ୍ଚଳ। ଅନୁରାଗ ଶୋଭି ମୁଖମଣ୍ଡଳ।
ଯେହ୍ନେ ନବବିକଚ ନଳିନରେ। ଖେଳେ ଖଞ୍ଜନଯୁଗ ସରୋବରେ।

ଶ୍ରୀକୃଷ୍ଣଙ୍କର ମୁଖମଣ୍ଡଳରେ ଚଞ୍ଚଳ ନୟନ ଯୁଗଳକୁ ଦେଖି ଯାହାଙ୍କର ମନରେ ମଦନ ବିକାର ଜାତହୋଇଥିଲା, ଏମନ୍ତ ଯେ ଶ୍ରୀରାଧା, ସେ କୃଷ୍ଣଚନ୍ଦ୍ରଙ୍କୁ ଅବଲୋକନ କରିଥିଲେ। ସେ ଶୋଭା ସନ୍ଦର୍ଶନ କରି ମନେହେଉଥିଲା ସତେ ଯେପରି, ଶରତ୍‌କାଳୀନ ନର୍ମଳଜଳ-ପରିପୂର୍ଣ୍ଣ ପୁଷ୍କରିଣୀ ମଧ୍ୟଗତ ପ୍ରସ୍ଫୁଟିତ କମଳ ପାର୍ଶ୍ୱରେ ଦୁଇଟି ଖଞ୍ଜନ ପକ୍ଷୀ ଖେଳୁଛନ୍ତି କି?

*His eyes play in His seductive face like two mating wagtails in the hollows of lotus blossoms in an autumn pond, stoking her passion.*

*ବଦନ-କମଳ-ପରିଶୀଳନ-ମିଳିତ-ମିହିର-ସମ-କୁଣ୍ଡଳ-ଶୋଭମ୍।*
*ସ୍ମିତ-ରୁଚି-କୁସୁମ-ସମୁଲ୍ଲସିତାଧର-ପଲ୍ଲବ-କୃତ-ରତି-ଲୋଭମ୍।୨୮।*

ମୁଖପଦ୍ମ ହୋଇଅଛି ପ୍ରଫୁଲ୍ଲ। କି ଏ କୁଣ୍ଡଳ ପ୍ରଭାକର ତୁଲ୍ୟ।
ଦରହସିତ ମୁଖ ମନୋହର। ରତିଲାଳସେ ଉଲ୍ଲସିତାଧର।
ଏମନ୍ତ ଶ୍ରୀକୃଷ୍ଣେ କୁଞ୍ଜରେ ଦେଖି। ପିଛାଡ଼ି ନ ପାରେ ରାଧିକା ଆଖି।

ଶ୍ରୀକୃଷ୍ଣଙ୍କ ବଦନକମଳକୁ ପରିସ୍ଫୁଟ କରିବାରେ କର୍ଣ୍ଣର କୁଣ୍ଡଳଯୁଗଳର ଆଭା ସୂର୍ଯ୍ୟକିରଣ ପରି ପ୍ରତିଭାତ ହେଉଥିଲା। ସେହି ସୂର୍ଯ୍ୟକିରଣତୁଲ୍ୟ କନକକୁଣ୍ଡଳର ଆଭାରେ ଶ୍ରୀକୃଷ୍ଣଙ୍କର ମୁଖମଣ୍ଡଳ ପରିଶୋଭିତ ହେଉଥିଲା। ପ୍ରଣୟିନୀଙ୍କ ଅଧରପଲ୍ଲବକୁ ଚୁମ୍ବନ କରିବା ପାଇଁ ଯାହାଙ୍କର ମୁଖମଣ୍ଡଳରେ ସ୍ନିଗ୍ଧ ତଥା ରୁଚିର ହାସ୍ୟରେଖା ପ୍ରକଟିତ ହୋଇଛି ଏବଂ ଯେଉଁ ଅଧରପଲ୍ଲବକୁ ଦେଖି ଶ୍ରୀରାଧାଙ୍କ ମନରେ ରତିଲାଳସା ଉକୁଟି ଉଠିଛି; ସେ ପ୍ରକାର ଶୋଭାମୟ କୃଷ୍ଣଚନ୍ଦ୍ରଙ୍କୁ ଶ୍ରୀରାଧା କୁଞ୍ଜସଦନରେ ଦେଖି ଅତ୍ୟନ୍ତ ପ୍ରଲୁବ୍ଧ ହୋଇଉଠିଲେ।

*The earrings caress His lotus face shining brilliantly like sunlight.*
*His flashing smile arouses the passion of lust in her.*



*ଶଶି-କିରଣ-ଛୁରିତୋଦର-ଜଳଧର-ସୁନ୍ଦର-ସକୁସୁମ-କେଶମ୍।*
*ତିମିରୋଦିତ-ବିଧୁ-ମଣ୍ଡଳ-ନିର୍ମଳ ମଳୟଜ-ତିଳକ-ନିବେଶମ୍।*

ଚଞ୍ଚଳ କୁଟିଳ କେଶ ସୁଷମା। ତଥି ଖଚିତ ବିବିଧ କୁସୁମା।
କି ଏ ନୀଳଜଳଦ ମଧ୍ୟରେଣ। ଶୋଭିତ ଯେହ୍ନେ ଶଶାଙ୍କ କିରଣ।
ଭାଲେ ଚନ୍ଦନ ତିଳକ ଅଙ୍କିତ। ଯେହ୍ନେ ଅନ୍ଧାରେ ଉଦେ ନିଶାକାନ୍ତ।

ଶ୍ରୀକୃଷ୍ଣଙ୍କ ଶିରଦେଶର କେଶପାଶ ନାନାରଙ୍ଗର ପୁଷ୍ପସ୍ତବକରେ ପରିଶୋଭିତ ହେଉଥିଲା। ତାକୁ ଦେଖିଲେ ମନେହେଉଥିଲା ସତେ ଯେପରି, ଘନନୀଳବର୍ଣ୍ଣ ମେଘଖଣ୍ଡ ମଧ୍ୟରେ ଚନ୍ଦ୍ରକିରଣ ବିଚ୍ଛୁରିତ ହେଉଛି କି ? ଆହୁରି ମଧ୍ୟ ଶ୍ରୀକୃଷ୍ଣଙ୍କ ଲଲାଟପଟରେ ଅନ୍ଧକାର ଭେଦକରି ଉଦିତ ଚନ୍ଦ୍ରମଣ୍ଡଳ ସଦୃଶ, ମଳୟଜ ଚନ୍ଦନର ବିନ୍ଦୁ ପରିଶୋଭିତ ହେଉଥିଲା। ଏମନ୍ତ ଶୋଭାଶାଳୀ ଶ୍ରୀକୃଷ୍ଣଙ୍କୁ କୁଞ୍ଜ ସଦନରେ ଶ୍ରୀରାଧା ଅବଲୋକନ କରିଥିଲେ।

*The flowers tangled in His hair appear like moonbeams caught amidst dark clouds. The sandal paste marks on His forehead appear like the moon rising from darkness.*



*ବିପୁଳ-ପୁଲକଭର-ଦନ୍ତୁରିତଂ ରତିକେଳି-କଳାଭିରଧୀରମ୍।*
*ମଣି-ଗଣ-କିରଣ-ସମୂହ-ସମୁଜ୍ଜ୍ୱଳ-ଭୂଷଣ-ସୁଭଗ-ଶରୀରମ୍।*

ଅତି ପୁଲକ ସାତ୍ତ୍ୱିକ ବିକାର।     ତହୁଁ ହୋଇଛି ରୋମାଞ୍ଚ ଶରୀର।
ରତିରସକଳା ମନେ ସୁମରି।     ଚିତ୍ତଚଞ୍ଚଳ କି କାମଲହରୀ।
ମଣିଗଣ କୋଟି ମନମଥ ଲାବଣ୍ୟ।     ଏକ କଳାକୁ ନୋହିବ ସମାନ।

ଅତ୍ୟନ୍ତ ଆନନ୍ଦିତ ହୋଇଥିବାରୁ ଯାହାଙ୍କ ଶରୀର ରୋମାଞ୍ଚିତ ହୋଇ ଉଠିଛି, ପ୍ରାଣପ୍ରିୟା ପ୍ରଣୟିନୀ ସହିତ ରତିକେଳିକଳାରେ ନିମଜ୍ଜିତ ହେବାପାଇଁ ଯେ ଅଧୀର ହୋଇଉଠିଛନ୍ତି, ନାନାବିଧ ମଣିରତ୍ନ ଧାରଣ କରିଥିବାରୁ ଯାହାଙ୍କର ସୁନ୍ଦର ଶରୀର ଉଦ୍ଦୀପିତ ହୋଇଛି, ଏମନ୍ତ ଶୋଭାଶାଳୀ ଶ୍ରୀକୃଷ୍ଣଙ୍କୁ ରାଧିକା କୁଞ୍ଜସଦନରେ ଅବଲୋକନ କରିଥିଲେ।

*The hairs bristle on His body, gleaming and shining with beautiful ornaments, in the expectation of sensuous play with her.*

*ଶ୍ରୀଜୟଦେବ-ଭଣିତ-ବିଭବ-ଦ୍ୱିଗୁଣୀକୃତ-ଭୂଷଣ-ଭାରମ୍।*
*ପ୍ରଣମତ ହୃଦି ବିନିଧାୟ ହରିଂ ସୁଚିରଂ ସୁକୃତୋଦୟ-ସାରମ୍*

ଜୟଦେବ କବି ଏହି ରଚିତା।     ରାଧାକୃଷ୍ଣ ରୂପ ଦେଖି ସୁଚିତ୍ତା।
କୃଷ୍ଣଚନ୍ଦ୍ର ମୁଖ ଯେଉଁ ସ୍ୱରୂପା।     ସନ୍ଥ ହୃଦେ ସେହି ଉଦେ ପ୍ରଦୀପା।

ହେ ଭକ୍ତ ତଥା ରସିକଜନତା, ପୁଣ୍ୟ ଉଦୟର ସାରଭୂତ, ଅଥବା ପୁଣ୍ୟ ଉଦୟର ଶ୍ରେଷ୍ଠଧନ, ଶ୍ରୀଜୟଦେବଙ୍କ ବାଗ୍‌ବିଳାସରେ ଯାହାଙ୍କର ଶରୀରସ୍ଥିତ ଅଳଙ୍କାର ସମୂହର ଶୋଭା ଦ୍ୱିଗୁଣିତ ହୋଇଛି, ଏମନ୍ତ ଶୋଭାମୟ ଯେଉଁ ଶ୍ରୀକୃଷ୍ଣ, ତାହାଙ୍କ ମନୋଜ୍ଞ କାନ୍ତିକୁ ବହୁକାଳ ପର୍ଯ୍ୟନ୍ତ ହୃଦୟରେ ଧାରଣକରି ତାଙ୍କ ଶ୍ରୀଚରଣରେ ପ୍ରଣାମକର।

*Jayadeva's artful song doubles the beauty of His adornments. O devotees ! bow down to Hari, the essence of all excellent deeds, and hold Him, in Your hearts.*



*ଅତିକ୍ରମ୍ୟାପାଂଗଂ ଶ୍ରବଣ-ପଥ-ପର୍ଯ୍ୟନ୍ତ-ଗମନ-*
*ପ୍ରୟାସେନୈବାକ୍ଷ୍ଣୋସ୍ତରଳତର-ତାରଂ ପତିତୟୋଃ।*
*ଇଦାନୀଂ ରାଧାୟାଃ ପ୍ରିୟତମ-ସମାଲୋକ-ସମୟେ*
*ପପାତ ସ୍ୱେଦାମ୍ବୁ-ପ୍ରସର ଇବ ହର୍ଷାଶ୍ରୁ-ନିକରଃ।*

ଯହୁଁ କିଞ୍ଚିତେ ଚାହିଁଲା ଅବଳା। ଚିତ୍ତ ଶାନ୍ତି କି କେବେ ହେ ନ ଗଲା।
ଅପାଙ୍ଗେ ଚାହାନ୍ତେ ବରସୁନ୍ଦରୀ। ଚକ୍ଷୁ ଗଲା ଶ୍ରବଣ ପଥେ ସରି।
କଷ୍ଟେ ଅତ୍ୟନ୍ତ ଲୋଚନ ତରଳ। ଆନନ୍ଦରେ ପଡ଼ଇ ଅଶ୍ରୁଜଳ।

କୁଞ୍ଜ ସଦନରେ ଶ୍ରୀକୃଷ୍ଣଙ୍କୁ ଦେଖିବାମାତ୍ରେ ଶ୍ରୀରାଧାଙ୍କ ନୟନରେ ଆନନ୍ଦାଶ୍ରୁ ନେତ୍ରପ୍ରାନ୍ତଭାଗ (ଅପାଙ୍ଗ)କୁ ଅତିକ୍ରମ କରି କର୍ଣ୍ଣପର୍ଯ୍ୟନ୍ତ ବହିଯାଇ ଝାଳ ବହିଲା ପରି ତଳେ ପଡ଼ିଲା। ଅର୍ଥାତ୍ ବିରହିଣୀ ନାୟିକା ରାଧା ମନୋମତ କାନ୍ତ ଶ୍ରୀକୃଷ୍ଣଙ୍କୁ ଏକାକିନୀ ଦେଖିବାମାତ୍ରେ ଅତିଶୟ ହର୍ଷରେ ଚକ୍ଷୁରୁ କର୍ଣ୍ଣମୂଳ ଦେଇ ଆନନ୍ଦାଶ୍ରୁ ଝରାଇବାକୁ ଲାଗିଲେ।

*Tears of joy swell up in her eyes and transgressing the corners reach up to the ears. They roll down her coy-face like streaming sweat, when Rādhās eyes, with trembling pupils, look at her lover.*



*ଭଜନ୍ତ୍ୟାସ୍ତଳ୍ପାନ୍ତଂ କୃତ-କପଟ-କଣ୍ଡୂତି-ପିହିତ*
*ସ୍ମିତଂ ଯାତେ ଗେହାଦ୍‌ବହିରବହିତାଳୀ-ପରିଜନେ।*
*ପ୍ରିୟାସ୍ୟଂ ପଶ୍ୟନ୍ତ୍ୟାଃ ସ୍ମର-ଶର-ସମାକୂତ-ସୁଭଗଂ*
*ସଲଜ୍ଜା ଲଜ୍ଜାପି ବ୍ୟଗମଦିବ ଦୂରଂ ମୃଗଦୃଶଃ।*

---

କାନ୍ତ ବଦନ ଦେଖି କାମେ ମତ୍ତ।
ତନୁ ପରେ ସ୍ୱେଦବିନ୍ଦୁ ଅଙ୍କିତ।
ଯହୁଁ ରାଧାର ଏସନ ବିଚାର।
ପ୍ରିୟସଖୀଜନ ହେଲେ ବାହାର।
ଦରହାସ ଭାବ ହୋଇ ସକଳ।
କପଟେ କଣ୍ଡୁ କରି ଶ୍ରବଣର।
ଲଜ୍ଜା ନିବାରି କୁରଙ୍ଗ ନୟନୀ।
ଯେହ୍ନେ ମାତଙ୍ଗ ଅଙ୍କୁଶ ନ ମାନି।
କୃଷ୍ଣ ସ୍ନେହଭରେ ତହୁଁ ରସିଲା।
ଯାଇ ଶଯ୍ୟାର ପ୍ରାନ୍ତରେ ବସିଲା।

---

ଶ୍ରୀକୃଷ୍ଣଙ୍କ ଦ୍ୱାରା ନିର୍ମିତ ନବପଲ୍ଲବ ଶେଯର ପ୍ରାନ୍ତଭାଗରେ ଉପସ୍ଥିତ ହୁଅନ୍ତେ, ମୃଗନୟନୀ ଶ୍ରୀରାଧାଙ୍କୁ ତ୍ୟାଗକରି, କାନ କୁଣ୍ଡାଇ ହେବାର ଛଳନା କରି ସଖୀଗଣ କୁଞ୍ଜସଦନରୁ ହସି ହସି ବାହାରକୁ ଚାଲିଗଲେ। ସେତିକିବେଳେ କାମଶରରେ ପୀଡ଼ିତ ନିଜ ପ୍ରଣୟୀ ଶ୍ରୀକୃଷ୍ଣଙ୍କୁ ଦେଖିବାମାତ୍ରେ ଶ୍ରୀରାଧାଙ୍କଠାରୁ ଲଜ୍ଜା ସଲଜ୍ଜ ହୋଇ ଦୂରକୁ ପଳାଇଲା। ଅର୍ଥାତ୍ ସଖୀମାନେ ଅପସରିଯାଆନ୍ତେ ଶ୍ରୀରାଧା ଲଜ୍ଜା ତ୍ୟାଗକରି ସପ୍ରେମଦୃଷ୍ଟିରେ ପ୍ରାଣପ୍ରିୟଙ୍କ ସହିତ ମିଳିତ ହେବାଲାଗି ବ୍ୟାକୁଳ ହୋଇଉଠିଲେ।

---

*She approaches the edge of His bed, masking her smile of joy by pretending to scratch her ears. As her friends go away leaving her, she sees her lover's face darting arrows of love which drive away her modesty.*

# ଦ୍ୱାଦଶ ସର୍ଗ - ଗୀତ ୧



*ଗତବତି ସଖୀବୃନ୍ଦେ ମନ୍ଦ-ତ୍ରପା-ଭର-ନିର୍ଭର-*
*ସ୍ମର-ଶର-ବଶାକୂତ-ସ୍ଫୂତ-ସ୍ମିତ-ସ୍ନପିତାଧରାମ୍।*
*ସରସ-ମନସଂ ଦୃଷ୍ଟ୍ୱା ରାଧାଂ ମୁହୁର୍ନବ-ପଲ୍ଲବ-*
*ପ୍ରଶର-ଶୟନେ ନିକ୍ଷିପ୍ତାକ୍ଷୀମୁବାଚ ହରିଃ ପ୍ରିୟାମ୍।*

---

ସଖୀମାନେ ଯାଆନ୍ତେ ଦୂର ହୋଇ। ମଦନଶରେ ଅତି ପୀଡ଼ା ପାଇ।
ମନସିଜ ଶରରେ ହୋଇ ବଶ। ଶୋଭା ଅଧରେ ମନ୍ଦ ମନ୍ଦ ହାସ।
ଅତି ହରଷେ ଅଳସ ଲୋଚନ। ଚାହେଁ କେଳିଶଯ୍ୟାକୁ ପୁଣ ପୁଣ।
ଦେଖି ବୋଲନ୍ତି ଜଗତ-ଜୀବନ। ପ୍ରିୟେ ଶୁଣ ଗୋ ମୋହର ବଚନ।

---

ସଖୀମାନେ ଚାଲିଯିବା ପରେ ଅତ୍ୟନ୍ତ ଲଜ୍ଜା ତଥା ମଦନପରବଶ ହୋଇଥିବା ଏବଂ ଅଧରରେ ହାସ୍ୟରେଖା ଖେଳାଇଥିବା ରସବତୀ ରାଧାର ମନରେ ଶ୍ରୀକୃଷ୍ଣ ଅତିଶୟ ଆନନ୍ଦଭାବ ଲକ୍ଷ୍ୟକରିଥିଲେ। ତା'ପରେ ବାରମ୍ବାର ପ୍ରିୟବତୀ ରାଧିକାକୁ ନବପଲ୍ଲବରେ ନିର୍ମିତ ଶଯ୍ୟା ଆଡ଼କୁ ଚାହୁଁଥିବାର ଦେଖି ଶ୍ରୀକୃଷ୍ଣ ତାଙ୍କୁ କହିଲେ।

---

*Pitambara, the Gratified*

*Rādhā smiles and blushes after her friends go away. Her face shows how deeply she is possessed by desire. When Hari sees her looking at the bed of buds and fresh leaves, He tells her.*



*କିଶଳୟ-ଶୟନ-ତଳେ କୁରୁ କାମିନୀ ଚରଣ-ନଳିନ-ବିନିବେଶମ୍*
*ତବ ପଦ-ପଲ୍ଲବ-ବୈରି-ପରାଭବ-ମିଦମନୁଭବତୁ ସୁବେଶମ୍।*
*କ୍ଷଣମଧୁନା ନାରାୟଣ-ମନୁଗତମନୁଭଜ ରାଧିକେ।ଧ୍ରୁବଂ।*

ନବ ପଲ୍ଲବ ଶଯ୍ୟାର ଉପର। ଦିଅ ଚରଣ ଯୁଗଳ ତୋହର।
ପଦ ସୁବେଶ କିଶଳୟ ରଙ୍ଗ। ଏହୁ କରିବ ବଇରୀ ବିଭଙ୍ଗ।
କ୍ଷଣେ ପ୍ରସନ୍ନ ହୁଅ ମୋରେ ସଖି। ତୋର ବିରହେ ହୋଇଅଛି ଦୁଃଖୀ।

ହେ ରାଧିକେ ! ଉତ୍ତମ ରୂପେ ନବପଲ୍ଲବରେ ନିର୍ମିତ ଶେଯ ଉପରେ ତୁମେ ତୁମର ପାଦପଦ୍ମ ଯୁଗଳକୁ ସ୍ଥାପନକର। ସେହି ନବପଲ୍ଲବଗୁଡ଼ିକ କୋମଳତାରେ ତୁମ ପାଦ ସହିତ ସମାନ ହେବେ ବୋଲି ଯେଉଁ ସ୍ପର୍ଦ୍ଧା କରୁଥିଲେ, ସେମାନେ ଶତ୍ରୁ ପରାଭବ ପାଇଲା ପରି ଲଜ୍ଜା ଅନୁଭବ କରନ୍ତୁ। ହେ ସୁନ୍ଦରୀ ! ତୁମେ କ୍ଷଣକଲାଗି ତୁମର ଅନୁଗତ ତଥା ବଶୀଭୂତ ଶ୍ରୀକୃଷ୍ଣ ଯେ ମୁଁ, ମୋ' ପ୍ରତି ଅନୁକୂଳା ହୁଅ।

*Set Your feet on this bed of tender shoots O Rādhikā. Let them realize that Your feet are more tender and beautiful than they. For a moment O Rādhā, be kind and feel me, the faithful Nārāyaṇa, in your heart.*



*କର-କମଳେନ କରୋମି ଚରଣ-ମହମାଗମିତାସି ବିଦୂରମ୍।*
*କ୍ଷଣମୁପକୁରୁ ଶୟନୋପରି ମାମିବ ନୂପୁରମନୁଗତ-ଶୂରମ୍।*

ତୋ ଚରଣେ ନୂପୁର ଅତି ଚାରୁ। ଚାଲି ଅଇଲୁ ଅନେକ ଦୂରରୁ।
କ୍ଷଣେମାତ୍ର ଶୟନ କର ସହି। କରକମଳେ ପାଦ ସମାର୍ଜଇ।
ଯେଣୁ ଅନୁଗତ ତୋର ନୂପୁର। ତା'ରେ ମୋ ପରି ବାରେ କୃପାକର।

ହେ ଚାରୁହାସିନୀ ପ୍ରିୟେ ! ତୁମେ ଅନେକ ଦୂର ପଥ ଅତିକ୍ରମ କରି ଆସିଛ। ତୁମ ପାଦର ପଥଶ୍ରମ ଦୂର କରିବା ପାଇଁ ମୁଁ ମୋର କରକମଳରେ ସେବାକରିବି। ବୀରପୁରୁଷ ପରି ତୁମର ଅନୁଗତ ଏହି ନୂପୁରକୁ ବାହାରକରି ଶେଯର ଏକ ପାର୍ଶ୍ୱରେ ଥୋଇଦିଅ। ତା' ଫଳରେ ତୁମ ପାଦସେବା କରିବାରେ ଆଉ କିଛି ହେଲେ ଅସୁବିଧା ରହିବନାହିଁ। ରତିକେଳି ସମୟରେ ସେ ମୁଖରିତ ହୋଇ ଯେଉଁ ବାଧା ଉପୁଜାଇବ ତାହା ମଧ୍ୟ ଦୂର ହୋଇଯିବ। ତୁମେ ଆଲିଙ୍ଗନ ଚୁମ୍ବନଦ୍ୱାରା ମୋର ଯେପରି ଉପକାର କରିବାକୁ ଆଗଭର ହୋଇଛ, ଠିକ୍ ସେହିପରି ତୁମର ଅନୁଗତ ନୂପୁର ପ୍ରତି ମଧ୍ୟ କୃପା ପ୍ରଦର୍ଶନ କର।

*You have travelled far. Let me worship Your feet with my lotus hands. Please favour the anklets, your faithful follower, on my bed, by putting them on.*

*ବଦନ-ସୁଧାନିଧି-ଗଳିତମମୃତମିବ ରଚୟ ବଚନମନୁକୂଳମ୍।*
*ବିରହମିବାପନୟାମି ପୟୋଧର ରୋଧକମୁରସି ଦୁକୂଳମ୍।*

ତୋର ବଦନ ସୁଧାନିଧି ଜିଣି। ଝରେ ଅମୀୟରସ ସୁଧାବାଣୀ।
ମୋତେ କହ ବଚନ ଅନୁକୂଳ। ଚିର ବିରହୀ ଏ କୁଚଯୁଗଳ।
ଏହା ନିରୋଧ କରିଛି ଅମ୍ବର। କାଢ଼ି ପକାଇ କରିବଇଁ ଦୂର।

ହେ ପ୍ରିୟେ, ତୁମେ ଆଉ ମୌନାବତୀ ହୋଇ ବସନାହିଁ। ଚନ୍ଦ୍ରରୁ ଅମୃତ ବିଗଳିତ ହେଲାପରି, ତୁମେ ତୁମ ଚାନ୍ଦବଦନରୁ ଅମୃତତୁଲ୍ୟ ବଚନ ପ୍ରକଟକର। ମୁଁ ତୁମ ପୟୋଧର ଯୁଗଳର ଆଲିଙ୍ଗନ ପାଇଁ ବ୍ୟାକୁଳ ହୋଇଉଠିଛି। ଦୀର୍ଘ ବିରହ ସମୟରେ ଥରେହେଲେ ସେ ସୁଯୋଗ ମିଳିନାହିଁ। ତେଣୁ ତୁମ ସ୍ତନମଣ୍ଡଳ ଓ ମୋ' ବକ୍ଷ ମଧ୍ୟରେ ବାଧକ ହୋଇ ରହିଥିବା ଏହି କୌଶେୟ ବସନକୁ ମୁଁ ତୁମ ବକ୍ଷଦେଶରୁ ଉଲାଗି କରିଦେଉଛି।

*Let the elixir of sweet words flow from Your lips. Let me remove the silken cloth that covers Your breasts like getting rid of separation..*



*ପ୍ରିୟ-ପରିରମ୍ଭଣ-ରଭସ-ବଳିତମିବ ପୁଲକିତମତିଦୁରବାପମ୍।*
*ମଦୁରସି କୁଚକଳଶଂ ବିନିବେଶୟ ଶୋଷୟ ମନସିଜତାପମ୍।*

ପ୍ରିୟ ଆଲିଙ୍ଗନ କାଳେ ଯେମନ୍ତ। ରସ ଭରେଣ ଅତି ପୁଲକିତ।
ତୋ ସ୍ତନ ଯୁଗ କଳଶ ସ୍ୱରୂପ। ଦେଇ ମୋ ହୃଦେ ହର କାମ-ତାପ।

ପ୍ରିୟତମଙ୍କ ଆଲିଙ୍ଗନ ନିମିତ୍ତ ଔତ୍ସୁକ୍ୟ ହେତୁରୁ ବିଶେଷ ଭାବରେ ଉନ୍ମୁଖ, ଅତିଶୟ ରୋମାଞ୍ଚିତ, ଅତ୍ୟନ୍ତ ଦୁର୍ଲ୍ଲଭ, ତୁମର ମଙ୍ଗଳ-କଳଶ ସଦୃଶ ସ୍ତନଯୁଗଳକୁ ମୋ' ବକ୍ଷଦେଶରେ ସ୍ଥାପନକର। ତା' ଫଳରେ ଦୀର୍ଘ ବିରହ ଜନିତ ଯେଉଁ କନ୍ଦର୍ପତାପ ମୋ' ହୃଦୟରେ ଜାତହୋଇଛି, ତାହା ଦୂରହୋଇଯିବ।

*O dear, please place your very rare breasts on my chest, which are throbbing with pleasure to embrace me and quench the fire of my desire.*

*ଅଧର-ସୁଧା-ରସମୁପନୟ ଭାମିନି ଜୀବୟ ମୃତମିବ ଦାସମ୍।*
*ତ୍ୱୟି ବିନିହିତ-ମନସଂ ବିରହାନଳ-ଦଗ୍ଧ-ବପୁଷମବିଳାସମ୍।*

ତୋର ବିରହ ଅନଳ ପ୍ରଖର। ଦହୁ ଅଛଇ ମୋର କଳେବର।
ଅଧରୁ ସୁଧାପାନ ଦେଇ ସଖି। ଦାସଜନ ଜୀବ ରଖ ସୁମୁଖି।

ହେ ଭାମିନି ! ତୁମେ କୋପ ତ୍ୟାଗକରି, ତୁମ ବିରହରୂପକ ଅନଳରେ ବିଦଗ୍ଧହେଉଥିବା, ତୁମଠାରେ ଏକାଗ୍ରତାର ସହିତ ମନଦେଇଥିବା, ବିଳାସରହିତ ଏବଂ ମୃତବତ୍ ହୋଇଥିବା ଏହି ଚରଣପତିତ ସେବକଟିକୁ ଅଧରରୁ ସୁଧାପାନ ଦେଇ ପୁନର୍ଜୀବିତ କରାଅ।

*Offer the nectar of Your lips and revive this dying slave whose mind is obsessed and whose body has been burnt by the fire of desolation, deprived of love.*



*ଶଶିମୁଖି ମୁଖରୟ ମଣି-ରସନା-ଗୁଣ-ମନୁଗୁଣ-କଣ୍ଠ-ନିନାଦମ୍।*
*ଶ୍ରୁତି-ଯୁଗଳେ ପିକ-ରତ-ବିକଳେ ମମ ଶମୟ ଚିରାଦବସାଦଂ।*

ଶଶିବଦନି! ଶୁଣ ମୋର ବାଣୀ। ତୋର ମଣିମେଖଳା ସୁକିଙ୍କିଣୀ।
କରୁ ମୁଖର ଧ୍ୱନି ଏ ନିରତ। ପିକଜିତ ଧ୍ୱନି ହେଉ ଉଦିତ।
ଚିରକାଳୁ ଶୁଣି ପିକ ବଚନ। ତାପ ପାଇଅଛି ମୋର ଶ୍ରବଣ।
ଯେତେ ଶୁଣିବ ରସନା ଶବଦ। ତେବେ ହରିବ ସକଳ ବିଷାଦ।

ହେ ଚନ୍ଦ୍ରାନନେ ! ତୁମର ଜଘନଦେଶରେ ଥିବା ମଣିନିର୍ମିତ ଚନ୍ଦ୍ରହାରଟିକୁ ରୁଣୁଝୁଣୁ ବଜାଇବା ସଙ୍ଗେ ସଙ୍ଗେ ଅନୁରୂପ କଣ୍ଠସ୍ୱର ପ୍ରକଟ କରାଅ। ତୁମ ମଣିମୟ ଚନ୍ଦ୍ରହାରର ନିନାଦ ଓ ତୁମର ପ୍ରିୟବଚନ ଶୁଣିଲେ, ତୁମରି ବିରହ ଜନିତ ଯେଉଁ ଅବସାଦ ମୋ' ମନରେ ଜାତହୋଇଛି, ତାହା ଉପଶମ ହୋଇଯିବ। ଏହି ଦୀର୍ଘ ବିରହ ସମୟରେ କୋକିଳର କଳକୂଜନ ଶୁଣି ଶୁଣି ମୋ' କର୍ଣ୍ଣ ନିତାନ୍ତ ବିକଳ ହୋଇଉଠିଛି। ଏବେ ତୁମ ମଣିରସନାର ଶବ୍ଦ ତଥା କଣ୍ଠର କଳବଚନ ଶୁଣିଲେ, ମୋ' ମନରୁ ସକଳ ଅବସାଦ ଦୂରହୋଇଯିବ।

*O moon faced one ! make Your jewelled girdle chords echo the tone of Your voice.*
*Soothe my ears which are tired of listening to the shrill cries of the cuckoos.*

*ଶଶିମୁଖି ମୁଖରୟ ମଣି-ରସନା-ଗୁଣ-ମନୁଗୁଣ-କଣ୍ଠ-ନିନାଦମ୍।*
*ଶ୍ରୁତି-ଯୁଗଳେ ପିକ-ରତ-ବିକଳେ ମମ ଶମୟ ଚିରାଦବସାଦଂ।*

ଶଶିବଦନି! ଶୁଣ ମୋର ବାଣୀ। ତୋର ମଣିମେଖଳା ସୁକିଙ୍କିଣୀ।
କରୁ ମୁଖର ଧ୍ୱନି ଏ ନିରତ। ପିକଜିତ ଧ୍ୱନି ହେଉ ଉଦିତ।
ଚିରକାଳୁ ଶୁଣି ପିକ ବଚନ। ତାପ ପାଇଅଛି ମୋର ଶ୍ରବଣ।
ଯେତେ ଶୁଣିବ ରସନା ଶବଦ। ତେବେ ହରିବ ସକଳ ବିଷାଦ।

ହେ ଚନ୍ଦ୍ରାନନେ ! ତୁମର ଜଘନଦେଶରେ ଥିବା ମଣିନିର୍ମିତ ଚନ୍ଦ୍ରହାରଟିକୁ ରୁଣୁଝୁଣୁ ବଜାଇବା ସଙ୍ଗେ ସଙ୍ଗେ ଅନୁରୂପ କଣ୍ଠସ୍ୱର ପ୍ରକଟ କରାଅ। ତୁମ ମଣିମୟ ଚନ୍ଦ୍ରହାରର ନିନାଦ ଓ ତୁମର ପ୍ରିୟବଚନ ଶୁଣିଲେ, ତୁମରି ବିରହ ଜନିତ ଯେଉଁ ଅବସାଦ ମୋ' ମନରେ ଜାତହୋଇଛି, ତାହା ଉପଶମ ହୋଇଯିବ। ଏହି ଦୀର୍ଘ ବିରହ ସମୟରେ କୋକିଳର କଳକୂଜନ ଶୁଣି ଶୁଣି ମୋ' କର୍ଣ୍ଣ ନିତାନ୍ତ ବିକଳ ହୋଇଉଠିଛି। ଏବେ ତୁମ ମଣିରସନାର ଶବ୍ଦ ତଥା କଣ୍ଠର କଳବଚନ ଶୁଣିଲେ, ମୋ' ମନରୁ ସକଳ ଅବସାଦ ଦୂରହୋଇଯିବ।

*O moon faced one ! make Your jewelled girdle chords echo the tone of Your voice.*
*Soothe my ears which are tired of listening to the shrill cries of the cuckoos.*



*ମାମତି ବିଫଳରୁଷା ବିକଳୀ କୃତମବଲୋକିତମଧୁନେଦମ୍*
*ମୀଳିତ ଲଜ୍ଜିତମିବ ନୟନଂ ତବ ବିରମ ବିସୃଜ ରତିଖେଦମ୍।*

କି ଦୋଷ ଘେନି ଏତେ କୋପ କର? ଅତି ଆରତ ବିଷାଦୁ ଉଦ୍ଧାର।
ମୋତେ ଚାହଁ ସରସିଜଲୋଚନି। ରତିଖେଦ ବିଷାଦ ବିମୋଚନୀ।

ହେ ମାନମୟୀ ରାଧେ! ତୁମେ ନିଷ୍ଫଳରୋଷ ତ୍ୟାଗ କର। ମୋ ଆଡ଼କୁ ସଦୟ ଦୃଷ୍ଟିରେ ଚାହଁ। ମୋ ଆଖିରେ ଆଖି ମିଳାଇବା ପାଇଁ ଲଜ୍ଜା କରୁଥିବା ତୁମ ନୟନ ଯୁଗଳରୁ ଲଜ୍ଜାଭାବ ଦୂର କରିଦିଅ। ତୁମର ନିଷ୍ଫଳରୋଷ ହେତୁରୁ ମୋ ଚିତ୍ତ ବିକଳ ହେଉଛି। ସୁରତକାଳୀନ ଖେଦ ବିଷୟରେ ଯେଉଁ ଚିନ୍ତା ତୁମ ମନରେ ଜାଗ୍ରତ ହୋଇଛି, ତାହାକୁ ଦୂର କରିଦିଅ।

*Banish shame from Your eyes which shy away from meeting mine. Your unreasonable anger hurts me. Please look at me and put an end lo my despair.*

*ଶ୍ରୀଜୟଦେବ-ଭଣିତମିଦମନୁପଦ-ନିଗଦିତ-ମଧୁରିପୁ-ମୋଦମ୍।*
*ଜନୟତୁ ରସିକ-ଜନେଷୁ ମନୋରମ-ରତି-ରସ-ଭାବ-ବିନୋଦମ୍।*

ଶିରୀମନ୍ତ ଜୟଦେବ ବଖାଣି। ପ୍ରତିପଦରେ ରାଧାକୃଷ୍ଣ ବାଣୀ।
ରସିକ ଜନମାନଙ୍କର ଚିତ୍ତ। ରତିରସ କୃଷ୍ଣଭାବେ ଉଦିତ।
ଶ୍ରୀଗୀତଗୋବିନ୍ଦ ସରସବାଣୀ। ତୋଷ ହୁଅନ୍ତୁ ସନ୍ଥ ଜନେ ଶୁଣି।

ଶ୍ରୀ ଜୟଦେବ କବିରାଜଙ୍କ ଦ୍ୱାରା ଭଣିତ ପଦେ ପଦେ ଶ୍ରୀକୃଷ୍ଣଙ୍କ ଚିତ୍ତବିନୋଦକାରୀ ଏବଂ ମନୋରମ ରତିରସ ତଥା ରତିଭାବ ବିନୋଦଜନକ ଗୀତଗୋବିନ୍ଦର ପଦାବଳୀ ରସିକଜନମାନଙ୍କ ହୃଦୟରେ ଆନନ୍ଦ ବର୍ଦ୍ଧନ କରୁ।

*Let each verse of Jayadeva's song delight Madhu's foe and inspire the pleasure of passionate moods in the hearts of sensuous people.*





*ପ୍ରତ୍ୟୂହଃ ପୁଲକାଙ୍କୁରେଣ ନିବିଡ଼ାଶ୍ଳେଷେ ନିମେଷେଣ ଚ*
*କ୍ରୀଡ଼ାକୂତ ବିଲୋକନେଽଧର-ସୁଧା-ପାନେ କଥା ନର୍ମଭିଃ।*
*ଆନନ୍ଦାଧିଗମେନ ମନ୍ମଥ-କଳା-ଯୁଦ୍ଧେଽପି ଯସ୍ମିନ୍ନଭୂ-*
*ଦୁଦ୍‌ବୃତ୍ତଃ ସ ତୟୋର୍ବଭୂବ ସୁରତାରମ୍ଭଃ ପ୍ରିୟଂ ଭାବୁକଃ।*

ଶୁଣ ସାଧୁଜନେ ଏହୁ ଅମୀୟ ବଚନ। ରାଧାକୃଷ୍ଣ କଳେବର ହୋଏ ସଂଯମନ।
ରତିକେଳି କଉତୁକେ ମାତି ବେନିଜନ। ବୁଡ଼ିଲେ ରସସାଗରେ ହୋଇ ମୋଦମଗ୍ନ।
ରସଭରେ ରମଣରମଣୀ ଘନଘନ। ନିବିଡ଼ାଲିଙ୍ଗନେ କଲେ ସୁଧାଧର ପାନ।
ପ୍ରେମରସେ ରସଭରେ ବୁଡ଼ି ବେନିଜନ। ମଦନ ବିକାରେ ବାଣୀ ନୁହଇ ସ୍ଫୁରଣ।
ପରସ୍ପର ଚାହିଁ ଦୁହେଁ ସତୃଷ୍ଣ ନୟନେ। ନିମେଷପାତ ଅସହ୍ୟ ହୋଇଲା ସେ କ୍ଷଣେ।
ଲୀଳାୟେ ଚଳନ୍ତେ ଚକ୍ଷୁ ପିଛଡ଼ା ନ ଚଳି। ପ୍ରେମରସେ ଘନ କୁଚ ଉରେ ଭିଡ଼ି ବାଳୀ।
ଅତି ମତି ଭୋଳା ହୋଇ ସେ ପୁଂସ ତରୁଣୀ। ବଦନ ସରୋଜ ଚୁମ୍ବୁଥା'ନ୍ତି ପୁଣି।
ମନମଥ କଳା କ୍ରୀଡ଼ାରେ କୁଶଳ ବେନି। ସୁରତ ଇଚ୍ଛନ୍ତି ପ୍ରେମେ ସେ କାନ୍ତ କାମିନୀ।

ଶ୍ରୀରାଧାକୃଷ୍ଣଙ୍କ ଚିରଅଭିଳଷିତ ସେହି ରତିକେଳି କୌତୁକ ଆରମ୍ଭ ହୋଇ ଉଭୟଙ୍କ ଚିତ୍ତକୁ ପ୍ରଫୁଲ୍ଲିତ କରାଇଲା। ସେ ସମୟରେ ନିବିଡ଼ ଆଲିଙ୍ଗନର ବାଧକରୂପେ ଶରୀର ରୋମାଞ୍ଚିତ ହୋଇଉଠିଲା। ରତିକେଳି ସମୟରେ ପରସ୍ପରକୁ ସତୃଷ୍ଣ ଦୃଷ୍ଟିରେ ଚାହିଁରହୁଥିବା ସମୟରେ ଚକ୍ଷୁର ନିମେଷପାତ ମଧ୍ୟ ବାଧାଜନକ ହେଲା। ଅଧରରୁ ସୁଧାପାନ କରୁଥିବା ସମୟରେ ମଧୁର ଆଳାପ ନିତାନ୍ତ ଅସହ୍ୟ ହୋଇଉଠିଲା। ଅର୍ଥାତ୍ ଉଭୟଙ୍କ ପକ୍ଷରେ ରତିକେଳି ଏତେ ଆନନ୍ଦଦାୟକ ହୋଇଥିଲା ଯେ, ସାମାନ୍ୟ କ୍ରିୟାକଳାପ ମଧ୍ୟ ବାଧା ସୃଷ୍ଟି କଲାପରି ଜଣାପଡୁଥିଲା।

*O dear thoughtful souls, the delightful beginning of the much awaited and desired dalliance of Rādhā and Mādhava strangely encountered with obstacles. The passionate embrace stopped the horripilation of the bodies caused due to excitement, the blinking of the eyes affected the playful glances, the drinking of nectar from each other's lips interrupted the sensuous talks, the battle of love-gameobstructed the eternal bliss of union.*



*ଦୋର୍ଭ୍ୟାଂ ସଂଯମିତଃ ପୟୋଧର-ଭରେଣାପୀଡ଼ିତଃ ପାଣିଜୈ-*
*ରାବିଦ୍ଧୋ ଦଶନୈଃ କ୍ଷତାଧର-ପୁଟଃ ଶ୍ରୋଣୀ-ତଟେନାହତଃ।*
*ହସ୍ତେନାନମିତଃ କଚୋଽଧର-ସୁଧା-ପାନେନ ସଂମୋହିତଃ।*
*କାନ୍ତଃ କାମପି ତୃପ୍ତିମାପ ତଦହୋ କାମସ୍ୟ ବାମା ଗତିଃ।*

---

ବେନି ହୃଦୟ ଜଡ଼ିତ ଏକତନୁ ମତା। ରସ ସାଗରେ ମଜ୍ଜିଲା ଦୁହିଁଙ୍କର ଚିତ୍ତ।
ଉଲ୍ଲୋଳ ହୋଇଣ କାମ ତଟିନୀ ବଢ଼ିଲା। ଲଜ୍ଜା ବିବେକ ସଙ୍ଗତେ ବସନ ହିଁ ଗଲା।
ଭୁଜ-ବଲ୍ଲରୀ ବନ୍ଧନେ ବାନ୍ଧିଲା ତରୁଣୀ। ପ୍ରେମରସେ ରସି ପୀଡ଼ାଦିଏ ପୁଣି।
ଘନକୁଚଭାରେ ପୀଡ଼େ ତୀକ୍ଷ୍ଣନଖ କ୍ଷତେ। ବିମ୍ବାଧର ତଟ ପୁଟେ ଦଶନର ଘାତେ।
କେଶ କରଷଣେ ବାଳା ଦିଅଇ ଚୁମ୍ବନ। ଅଧର ପୀୟୂଷ ପାନେ ସଂମୋହିତ ମନ।
ଗାଢ଼େ ଘନଜଘନେ ପୀଡ଼ଇ ଘନ ଘନ। ମଦନମଣ୍ଡରେ ନାନା କୁତୁହଳମାନ।
ମକରଧ୍ୱଜ ଶର ଏସନ ବକ୍ରଗତି। ଏତେ ପ୍ରକାର ଶାସ୍ତିକି ନୋହିଲା ବିମତି।

---

ଶ୍ରୀରାଧାଙ୍କ ଭୁଜବନ୍ଧନରେ ବନ୍ଦୀ, ଘନକୁଚ ଭାରରେ ପୀଡ଼ିତ, ନଖ ଘାତରେ ଜର୍ଜରିତ, ଦଶନଦ୍ୱାରା ଅଧର ଓଷ୍ଠରେ କ୍ଷତବିକ୍ଷତ, ନିତମ୍ବଦ୍ୱାରା ତାଡ଼ିତ, କରପଲ୍ଲବଦ୍ୱାରା କେଶ ଅବନମିତ ତଥା ଅଧରମଧୁପାନରେ ସଂମୋହିତ ହେଲେ ମଧ୍ୟ ପ୍ରଣୟୀ ଶ୍ରୀକୃଷ୍ଣ ଅନିର୍ବଚନୀୟ ତୃପ୍ତି ଲାଭକଲେ। ଆଃ, କାମର ଗତି ହିଁ ଅତି ବିଚିତ୍ର ! ନୋହିଲେ ପୀଡ଼ାଜନକ ପରିସ୍ଥିତିରେ ତୃପ୍ତି ମିଳନ୍ତା କିପରି ?

---

*With arms bound Him captive, her solid breasts pressed hard hurtfully, her nails pierced His body, her teeth wounded his soft lips, her shapely hips struck Him, her hands pulled the hair bending Him, her lip's nectar enamored Him. Strange are the ways of Kāma, instead of pains, He got great pleasure from such acts of stimulation.*



*ମାରାଙ୍କେ ରତି-କେଳି-ସଂକୁଳ-ରଣାରମ୍ଭେ ତୟା ସାହସ-*
*ପ୍ରାୟଂ କାନ୍ତ-ଜୟାୟ କିଞ୍ଚିଦୁପରି ପ୍ରାରମ୍ଭି ଯତ୍ସ ସମ୍ଭ୍ରମାତ୍।*
*ନିଷ୍ପନ୍ଦା ଜଘନ-ସ୍ଥଳୀ ଶିଥିଳତା ଦୋର୍ବଲ୍ଲିରୁତ୍‌କମ୍ପିତଂ।*
*ବକ୍ଷୋ ମୀଳିତମକ୍ଷି ପୌରୁଷ-ରସଃ ସ୍ତ୍ରୀଣାଂ କୁତଃ ସିଦ୍ଧ୍ୟତି।*

ରତିକ୍ରୀଡ଼ା ସମର ଦୃଢ଼େ ବିସ୍ତାର କରି। କାନ୍ତକୁ ଜିଣିଲା ପ୍ରାୟ ଉତ୍ସୁକ ସୁନ୍ଦରୀ।
ବିବିଧ ପ୍ରକାରେ ରତି-ବିପରୀତ ଆଦି। ରତିଶାସ୍ତ୍ର ଯେହ୍ନେ ବିହି ଅଛଇ ସମ୍ପାଦି।
ଶ୍ରମଭର ହୋଇ ଅତି ଖଞ୍ଜନ-ନୟନୀ। କମ୍ପେ ଉର ଘନ ଘନ ବାହୁଲତା ବେନି।
ନିଷ୍ପ୍ରାଣ ହୋଇଣ ସେହୁ ରମଣୀ ରତନ। ମୁକୁନ୍ଦ ହୃଦୟଦେଶେ ରତିଖେଦେ କ୍ଷୀଣ।
ପୁରୁଷାୟିତ କରଣେ ସମ କାହୁଁ ନାରୀ। ତେହ୍ନେ ରଣେ ଶିଥିଳ ହୋଇଲା ବିମ୍ବାଧରୀ।

କାମପୀଡ଼ାରେ କବଳିତ ହୋଇ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ବକ୍ଷ ଉପରେ ରହି ବିପରୀତ ରତିକେଳିରେ ନାନାବିଧ ଆଲିଙ୍ଗନ, ଚୁମ୍ବନ, ଜଘନତାଡ଼ନା, ପୟୋଧରପୀଡ଼ନ, ନଖଦନ୍ତକ୍ଷତ ଆଦି ଅତ୍ୟନ୍ତ ସାହସ ସହକାରେ, ରତିରଣଜୟ ଇଚ୍ଛାରେ ପ୍ରିୟତମଙ୍କୁ ନିରସ୍ତ କରିବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାହା କିଛି ସମୟ ପରେ ଶାନ୍ତ ହୋଇଯାଇଥିଲା। ତେଣୁ ତାଙ୍କର ଜଘନଦେଶ ନିଶ୍ଚେଷ୍ଟ, ବାହୁଯୁଗଳ ଶିଥିଳିତ, ନୟନ ନିମୀଳିତ, ବକ୍ଷଦେଶ କମ୍ପିତ ତଥା ସର୍ବାଙ୍ଗ ସ୍ତବ୍ଧ ହୋଇଯାଇଥିଲା। ପ୍ରକୃତରେ ସ୍ତ୍ରୀମାନଙ୍କ ପକ୍ଷରେ ପୁରୁଷାୟିତ ଭାବ ସମ୍ଭବ ହେବ କିପରି? କାରଣ ନାରୀ କୋମଳାଙ୍ଗୀ, ତେଣୁ ପୁରୁଷଙ୍କ ପରି ଆଚରଣରେ ସେ କିପରି ସଫଳତା ଅର୍ଜନ କରିବାର ସମର୍ଥ ହେବେ ?

*As the battle of love play begins, she becomes bold enough to ride on her lover triumphantly. But after some time her hips slow down their movement and become still and her vine like hands become slack in their grip. Her chest continues to heave and her eyes remain closed. How can a woman succeed in an action which is exclusively manly?*



*ତସ୍ୟାଃ ପାଟଳ-ପାଣିଜାଙ୍କିତମୁରୋ ନିଦ୍ରା-କଷାୟେ ଦୃଶୌ*
*ନିର୍ଧୌତୋଽଧର-ଶୋଣିମା ବିଲୁଳିତାଃ ସ୍ରସ୍ତ-ସ୍ରଜୋ ମୂର୍ଦ୍ଧଜାଃ*
*କାଞ୍ଚୀ-ଦାମ ଦର-ଶ୍ଲଥାଞ୍ଚଳମିତି ପ୍ରାତର୍ନିଖାତୈର୍ଦୃଶୋ-*
*ରେଭିଃ କାମଶରୈସ୍ତଦଦ୍ଭୁତମଭୂତ୍ ପତ୍ୟୁର୍ମନଃ କୀଳିତମ୍।*

ରସିକ ସୁଜାଣ ସେ ନାଗରବର ହରି। ନିଶି ଅବଶେଷ ହେଲା ରସକେଳି କରି।
ନୀରସବଦନା ରାଧା ଦେଖି ଯଦୁସାଇଁ। ସ୍ୱେଦ ନିବାରଣେ ମନ୍ଦ ପବନ ସେ ଦେଇ।
ସ୍ଥକିତ ହୋଇଣ ସେ ଅବଳା ଶିରୋମଣି। କଟିତଟେ ବସନ ସେ ଆଚ୍ଛାଦିଲା ଆଣି।
ଚାହିଁଁଇ ଆପଣା ତନୁ ଇନ୍ଦୀବରମୁଖୀ। ବିରସ ହୋଇଲା ଅଙ୍ଗେ ଚିହ୍ନମାନ ଦେଖି।
ବୋଲଇ ମଦନଶର ଦୁଃସହ ଅଟଇ। କ୍ଷଣିକ ମୋହରେ କିଛି ନ ଜାଣଇ କେହି।
ନଖକ୍ଷତ ଶୋଣିତ ହୃଦୟରେ ଯୁବତୀ। ଯେମନ୍ତେ ପାଟଳ କୁସୁମରେ ଅତି ଦ୍ୟୁତି।
ଉନ୍ନିଦ୍ରେ କଷାୟ ନୀଳେନ୍ଦୀବର ଲୋଚନ। ଅଧର ନୀରସ ଦିଶେ ବିରଙ୍ଗ ବିଦ୍ରୁମ।
ଫିଟି ସୁମନସ ସ୍ରଜ କୁନ୍ତଳୁ ପଡ଼ିଲା। କଟିମେଖଳା ବସନ ଶିଥିଳ ହୋଇଲା।

ପ୍ରାତଃ କାଳରେ ପ୍ରିୟା ଶ୍ରୀରାଧାଙ୍କଠାରେ କାମଦେବଙ୍କର ପଞ୍ଚଶର ସଦୃଶ ପାଞ୍ଚଗୋଟି ଚିହ୍ନ ଅବାଲୋକନ କରି, ଶ୍ରୀକୃଷ୍ଣଙ୍କ ମନ ପୁଣି କାମବାଣରେ ନିପୀଡ଼ିତ ହେବାକୁ ଲାଗିଲା। ଶ୍ରୀକୃଷ୍ଣ ପ୍ରାତଃକାଳରେ ଲକ୍ଷ୍ୟ କରି ଦେଖିଲେ, ଶ୍ରୀରାଧାଙ୍କ ବକ୍ଷଦେଶରେ ପାଟଳପୁଷ୍ପ ସଦୃଶ ନଖକ୍ଷତଚିହ୍ନ ରକ୍ତିମ ଆଭା ପ୍ରକଟ କରି ଶୋଭାପାଉଛି। ରାତି ଅନିଦ୍ରାରେ ବିତିଥିବାରୁ ଚକ୍ଷୁର ରଙ୍ଗ କମଳପୁଷ୍ପ ପରି ଈଷତ୍ ଅରୁଣାଭ ଦେଖାଯାଉଛି। ପିନ୍ଧିଥିବା ମାଳତୀ କୁସୁମମାଳା କେଶପାଶ ଓ କଣ୍ଠଦେଶରୁ ଖସି ଭୂମିରେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପ୍ରଗାଢ଼ ଚୁମ୍ବନ ଫଳରେ ଅଧରପଲ୍ଲବରୁ ଲାଲିମା ଲିଭିଯାଇ ବନ୍ଧୁଲି ପୁଷ୍ପର ଆଭା ଧାରଣ କରିଛି। ଜଘନଦେଶରୁ ଚନ୍ଦ୍ରହାର ସହିତ ପିନ୍ଧିଲା ବସ୍ତ୍ର ଖସିଯାଇଥିବାରୁ କନକାଙ୍ଗୀର ଜଘନ ଶୋଭା ଯାଇଫୁଲର ଶୋଭା ଧାରଣକରିଛି। ପ୍ରିୟତମାଙ୍କ ଅଙ୍ଗ ପ୍ରତ୍ୟଙ୍ଗରେ ପଞ୍ଚଶର ସଦୃଶ କାମୋଦ୍ରେକ ଆଭା ପରିଦର୍ଶନ କରି ଶ୍ରୀକୃଷ୍ଣଙ୍କ ମନରେ ପୁଣି କାମଭାବ ଜାତହୋଇଥିଲା।

*The scarlet nail marks on her chest, her sleepless reddended eyes, her washed off pale lips, the disarrayed braid, with dangling garlands of crushed flowers on her head, the lose-ended waist girdle, appeared like arrow marks of 'Kāma', (god of love) on the passion ravaged body of Rādhā. When Kṛṣṇa darted His sight on these marks at dawn, incredibly, He got sensuously stimulated, as if pierad by the arrows of Kāma.*



## ଦ୍ୱାଦଶ ସର୍ଗ - ଗୀତ ୨

*କୁରୁ ଯଦୁନନ୍ଦନ ଚନ୍ଦନ-ଶିଶିର-ତରେଣ କରେଣ ପୟୋଧରେ।*
*ମୃଗମଦ-ପତ୍ରକମତ୍ର ମନୋଭବ-ମଙ୍ଗଳ-କଳଶ-ସହୋଦରେ।*
*ନିଜଗାଦ ସା ଯଦୁନନ୍ଦନେ କ୍ରୀଡ଼ତି ହୃଦୟାନନ୍ଦନୋଧ୍ରୁବଂ।*

ବୋଲଇ ସୁନ୍ଦରୀ ଶୁଣ ହେ ଯଦୁନନ୍ଦନ। ତୁମ୍ଭ କରଯୁଗ ଯେହ୍ନେ ଶୀତଳ ଚନ୍ଦନ।
ମଙ୍ଗଳ କଳଶ ସମ ମୋ ସ୍ତନ ଯୁଗରେ। ପତ୍ରାବଳୀ ରଚିଦିଅ ଗୋଳି କସ୍ତୂରୀରେ।
ମୃଗମଦ କସ୍ତୂରୀ ଘେନିଣ ଯଦୁନାଥ। ଉରଜରେ ଲେପନ ତୁ କରସି ବିଚିତ୍ର।
ମନମଥ ମଖା ମୋର ଯଉବନ ବେନି। କ୍ରୀଡ଼ା ଆରମ୍ଭେ ମଙ୍ଗଳ  କଳଶ କି ଜାଣି।
ତବ କରଜରେ ଏହୁ ଘାତ ପାଇ କରି। ପୀଡ଼ା ପାଉଅଛି ଶାନ୍ତ କର ହେ ମୁରାରି।

ଚିତ୍ତକୁ ପ୍ରଫୁଲ୍ଲିତ କରୁଥିବା ଯଦୁନନ୍ଦନ ଶ୍ରୀକୃଷ୍ଣଙ୍କ ସହିତ କ୍ରୀଡ଼ା ଶେଷକରି ବିଶ୍ରାମ କରୁଥିବା ସମୟରେ ଶ୍ରୀରାଧା ଉଲ୍ଲସିତା ହୋଇ କହିଲେ- ହେ ଯଦୁନନ୍ଦନ ଶ୍ରୀକୃଷ୍ଣ ! ଚନ୍ଦନ ପରି ଅତ୍ୟନ୍ତ ଶୀତଳ ତୁମ କରରେ, କାମଦେବଙ୍କର ମଙ୍ଗଳ କଳଶ ସଦୃଶ ମୋର ସ୍ତନମଣ୍ଡଳରେ କସ୍ତୂରୀରେ ପତ୍ରାବଳୀ ରଚନା କରିଦିଅ।

*O Yadunandana! paint a leaf design with Your hands that are cooler than sandal balm using deer musk on my breasts which are like 'Maṅgaḷakaḷaśa' (the holy vessels of the god of love). She tells this to Yadunandana who play to fill the hearts with ānanda (bliss).*



*ଅଳି-କୁଳ-ଗଞ୍ଜନସଞ୍ଜନକଂ ରତିନାୟକ-ଶାୟକ-ମୋଚନେ।*
*ତ୍ୱଦଧର-ଚୁମ୍ବନ-ଲମ୍ବିତ-କଜ୍ଜ୍ୱଳ-ମୁଜ୍ଜ୍ୱଳୟ ପ୍ରିୟ ଲୋଚନେ।*

ଭ୍ରମକୁଳକୁ ଗଞ୍ଜେ ଦେଖ ଏ ଅଞ୍ଜନ। ତୋହର ଚୁମ୍ବନେ ହୋଇ ଅଛଇ ଏ କ୍ଷୀଣ।
ଯେବଣ ନୟନ ମନମଥରାୟ ଶର। ଛାଡ଼ିଲି କାଳିମା ତହୁଁ ଉଜ୍ଜ୍ୱଳ ତା କର।

ହେ ଯଦୁନନ୍ଦନ ! ମଦନଶର ବିମୋଚନରେ ସହାୟକ ମୋ’ ଲୋଚନଯୁଗଳରୁ ତୁମ ଚୁମ୍ବନ ଫଳରେ କଜ୍ଜଳ ଲିଭିଯାଇଛି। ତୁମେ ନିଜ ହାତରେ ମୋ’ ନୟନଯୁଗଳରେ ଭ୍ରମରସମୂହର କାନ୍ତିକୁ ଗଞ୍ଜନ କରୁଥିବା କଜ୍ଜଳ ଘେନାଇଦେଇ ତାହାକୁ ଦେଦୀପ୍ୟମାନ କରିଦିଅ।

*Your lips have kissed away the kohl of my eyes, which can beat the arrows of love-god.*
*Paint them with kohl and make them glossier than a swarm of black bees.*



*ନୟନ-କୁରଙ୍ଗ-ତରଙ୍ଗ-ବିକାଶ-ନିରାଶ-କରେ ଶ୍ରୁତିମଣ୍ଡଳେ।*
*ମନସିଜ-ପାଶ-ବିଳାସ-ଧରେ ଶୁଭବେଶ ନିବେଶୟ କୁଣ୍ଡଳେ।*

ତରଙ୍ଗ ଚଞ୍ଚଳ ବାଳକୁରଙ୍ଗୀର ପ୍ରାୟେ। ବିକାଶ ହୋଇ ଖେଳେ ଶ୍ରୁତିମଣ୍ଡଳ ଯାୟେ।
ଏ ମୋହର ଶ୍ରବଣ ରୁଚିର ଶୁଭ ବେଶ। ମନସିଜ ଜଗତ ମୋହିତ କି ଏ ପାଶ।
ବିବିଧ ରତ୍ନଜଟିତ ଘଟିତ କୁଣ୍ଡଳ। ରଚ ମୋ ଶ୍ରୁତିରେ ଶୋହୁ ଏ ଗଣ୍ଡମଣ୍ଡଳ।
ମଣିଗଣ ଜ୍ୟୋତି ସେହୁ କରନ୍ତୁ ପ୍ରକାଶ। ତିମିର କୁଳ ଗଞ୍ଜନ ଦୋଳନ୍ତେ ଆଭାସ।

ହେ ଯଦୁନନ୍ଦନ ! ନେତ୍ରରୂପୀ କୁରଙ୍ଗ ତରଙ୍ଗାୟିତ ବିକାଶକୁ ନିରୋଧ କରୁଥିବା ମୋର କର୍ଣ୍ଣଯୁଗଳରେ କାମଦେବଙ୍କ ପାଶ ସଦୃଶ କୁଣ୍ଡଳ ପିନ୍ଧାଇଦିଅ। ହେ ମଙ୍ଗଳବେଶଧାରୀ ପ୍ରିୟତମ ମୋର, ତୁମରି ସହିତ ସୁରତକ୍ରୀଡ଼ାରେ ମାତିଥିବାରୁ ମୋ' କର୍ଣ୍ଣରୁ କୁଣ୍ଡଳ ଖସିପଡ଼ିଛି। ତାହାକୁ ପୁଣି ମୋ' କର୍ଣ୍ଣରେ ପିନ୍ଧାଇଦିଅ।

*O śubha-veṣa (auspiciously clothed one), please hang pendants on my ear lobes, resembling the pulled-string of the bow of god of love, the swing of which will beat the waves generated by the restless movement of the doe's eyes.*

*ଭ୍ରମରଚୟଂ ରଚୟନ୍ତମୁପରି ରୁଚିରଂ ସୁଚିରଂ ମମ ସଂମୁଖେ।*
*ଜିତ-କମଳେ ବିମଳେ ପରିକର୍ମୟ ନର୍ମ-ଜନକମଳକଂ ମୁଖେ।*

ବିକଶିତ ନିର୍ମଳ ଅରବିନ୍ଦର ଜ୍ୟୋତି। ନିନ୍ଦଇ ବଦନ ଅତି ଲାବଣ୍ୟ ସୁକାନ୍ତି।
ସୁରେଖ ଅଳକାବଳୀ କର ସୁଯତନ। କୁଟିଳତର କୁନ୍ତଳ ଅତି ମନୋରମ।
ଯେସନ ନବବିକଚ ସରୋଜ ଉପରେ। ଭ୍ରମରପନ୍ତି ବସନ୍ତି ମଧୁପାନଭରେ।

ହେ ଯଦୁନନ୍ଦନ ! ସୌନ୍ଦର୍ଯ୍ୟରେ କମଳକୁ ଜିଣିଥିବା ମୋର ଏହି ନିର୍ମଳ ବଦନମଣ୍ଡଳରେ, ଭ୍ରମରସମୂହର କୃଷ୍ଣକାନ୍ତି ସଦୃଶ ତଥା କାମୋଦ୍ଦୀପକ ଏହି ଚୂର୍ଣ୍ଣକୁନ୍ତଳ ଆଲୁଳାୟିତ ଭାବରେ ବିଛାଡ଼ି ହୋଇପଡ଼ିଛି। ତୁମେ ଏହି ଅଳକାବଳୀକୁ ଯଥାସ୍ଥାନରେ ସଜାଇଦିଅ। ଅର୍ଥାତ୍ ସୁରତବ୍ୟାପାରରେ ଆଲୁଳାୟିତ ମୋର କେଶକଳାପକୁ ସଜାଇ ଠିକ୍ ଭାବରେ ଜୁଡ଼ା ସଜାଡ଼ିଦିଅ।

*On the front of my face, that-beats lotus in lovliness, please paint lively potraits of black bees, to last long. Also pinup imaginatively my teasing lock of hair on the face which can radate passion.*



*ମୃଗମଦ-ରସ-ବଳିତଂ ଲଳିତଂ କୁରୁ ତିଳକମଳିକ-ରଜନୀକରେ।*
*ବିହିତ-କଳଙ୍କ-କଳଂ କମଳାନନ ବିଶ୍ରମିତ-ଶ୍ରମ-ଶୀକରେ।*

କୁରଙ୍ଗବର କସ୍ତୂରୀ ଅତିଯତ୍ନ କରି। ଲଲାଟପଟେ ତିଳକ ଲେଖସି ମୁରାରି।
ଯେସନ ପୂର୍ଣ୍ଣଚନ୍ଦ୍ରରେ କଳଙ୍କ ଅଙ୍କିତ। ତେସନ ପ୍ରାୟ ଦିଶିବ ତିଳକ ସଙ୍ଗତ।
ଲପନ ପଙ୍କଜେ ଶ୍ରମ ସ୍ୱେଦ କଣାମାନ। ଶୁଖିଯାଆନ୍ତେ ଲଲାଟ ଦିଶଇ ଶୋଭନ।

ହେ କମଳନୟନ ଯଦୁନନ୍ଦନ ! ଅର୍ଦ୍ଧଚନ୍ଦ୍ର ସଦୃଶ ମୋର ଲଲାଟପଟରୁ ସ୍ୱେଦବିନ୍ଦୁ ଶୁଖିଯାଇଛି। ତୁମେ ଏତିକିବେଳେ ମୃଗନାଭି କସ୍ତୂରୀ ଗୋଳାଇ, ଚନ୍ଦ୍ରମଣ୍ଡଳରେ କଳଙ୍କ ଶୋଭାପାଇଲାପରି, ଭାଲପଟରେ ତିଳକ କରିଦିଅ।

*O lotus-faced one, now that sweat drops are dried, make marks with liquid deer musk on my moon-like forehead so that they beautify it as the stain does the moon.*



*ମମ ରୁଚିରେ ଚିକୁରେ କୁରୁ ମାନଦ ମାନସଜ-ଧ୍ୱଜ-ଚାମରେ।*
*ରତି-ଗଳିତେ ଲଳିତେ କୁସୁମାନି ଶିଖଣ୍ଡି-ଶିଖଣ୍ଡକ-ଡାମରେ।*

ଏ ମୋହର ଅତି ନୀଳ ଗହଳ ଚିକୁର। କି ଏ ମନମଥ ରଥଧ୍ୱଜର ଚାମର।
ଫିଟି ଲୋଟୁଅଛି ଦେଖ ସୁରତିସମରେ। ସୁସଞ୍ଚେ ଗଭା ସଜାଡ଼ି ଦିଅ କବରୀରେ।
ବିବିଧ କୁସୁମ ଗଭାରେ ପାଇବ ଶୋଭା। ନିବିଡ଼ ଅନ୍ଧାରେ ଚନ୍ଦ୍ରକିରଣର ଆଭା।

ହେ ମାନିନୀ-ମାନଭଞ୍ଜନକାରୀ ଯଦୁନନ୍ଦନ ! କନ୍ଦର୍ପର ଧ୍ୱଜ ତଥା ଚାମର ସଦୃଶ ମୋର କେଶପାଶର ଜୁଡ଼ା ସୁରତକାଳରେ ଫିଟି ପୃଷ୍ଠଦେଶରେ ଲୋଟୁଛି। ସେଥିରେ ନାନାବିଧ ପୁଷ୍ପ ଖଞ୍ଜାଯାଇଥିବାରୁ ତାହା ମୟୂରପୁଚ୍ଛଠାରୁ ଅଧିକ ଶୋଭାଶାଳୀ ହୋଇଥିଲା। ତୁମେ ମୋର ସେହି ସୁନ୍ଦର କେଶପାଶରେ ଜୁଡ଼ା ସଜାଡ଼ିଦେଇ ସେଥିରେ ସୁଗନ୍ଧ କୁସୁମମାନ ଖଞ୍ଜିଦିଅ।

*My gleaming hair, the flywhisk and banner of the god of love, which outshines the plumage of a peacock, has got dishevelled during dalliance.*
*Please fix it with delicate, bright flowers.*

*ସରସ-ଘନେ ଜଘନେ ମମ ସମ୍ବର-ଦାରଣ-ବାରଣ-କନ୍ଦରେ।*
*ମଣି-ରସନା-ବସନାଭରଣାନି ଶୁଭାଶୟ ବାସୟ ସୁନ୍ଦରେ।*

ସରସ ବଳିତ ଘନ ସୁଜଘନ ମୋର। ଜିଣି ଶମ୍ବର ଅଇରି କରୀର କନ୍ଦର।
ନୀଳପଟନୀ ଅମ୍ବର ଅତ୍ୟନ୍ତ ରୁଚିର। ପରିଧାନ କରାଅ ହେ ଶ୍ରୀଯଦୁସୁନ୍ଦର।
ନାନା ରତ୍ନ ମଣିଗଣ ମେଖଳା କିଙ୍କିଣୀ। ଆଭରଣ କର କୃଷ୍ଣ କଟିତଟେ ଆଣି।

ହେ ଶୋଭନଶୀଳ ! ଅତ୍ୟନ୍ତ ଆନନ୍ଦପ୍ରଦ ପୃଥୁଳ; ଶମ୍ବରାସୁରର ବିଦାରଣକାରୀ ହସ୍ତୀ ଅର୍ଥାତ୍ କାମ-କୁଞ୍ଜର କନ୍ଦର ସଦୃଶ ମୋର ସରସ ଜଘନଦେଶରୁ ମଣିଘଣ୍ଟିକାଯୁକ୍ତ ଚନ୍ଦ୍ରହାର (ରସନା) ଓ ବସନ ତଥା ଅନ୍ୟାନ୍ୟ ଭୂଷଣ ରତିବିଳାସ ସମୟରେ ଖସିଯାଇଛି। ହେ ମୋର ମାନପ୍ରଦାନକାରୀ ଯଦୁନନ୍ଦନ ଶ୍ରୀକୃଷ୍ଣ ! ସେହି ଜଘନଦେଶରେ ଚନ୍ଦ୍ରହାର, ବସନ ଓ ଅଳଙ୍କାର ଆଦି ସଜାଡ଼ିଦିଅ।

*My beautiful loins are a deep cavern of the god of love, the killer of the demon Sambara. Cover them with a jewelled girdle, cloth and ornaments.*



*ଜୟଦେବ-ବଚସି ଜୟଦେ ହୃଦୟଂ ସଦୟଂ କୁରୁ ମଣ୍ଡନେ।*
*ହରି-ଚରଣ-ସ୍ମରଣାମୃତ-କୃତ-କଳି-କଳୁଷ-ଜ୍ୱର-ଖଣ୍ଡନେ।*

ସଦୟ ହୃଦୟ ଦୟା କର ତୁ ଈଶ୍ୱର।    ଜୟଦେବ ବାଣୀ ଏହୁ ଅତ୍ୟନ୍ତ ମଧୁର।
ତବ ସ୍ମରଣ ବଚନ ଅମୃତରୁ ସାର।    ହରିଚରଣ ସ୍ମରଣେ ହୁଅ ଭବୁ ପାର।
ପାପ ସମୂହ ସଂସାରେ ଜ୍ୱର ଏ ସଂଜାତ।    ପଦ୍ମାବତୀକାନ୍ତାମୃତ ବଚନ ଯେ ହତ।

ହେ ରସିକ ଭକ୍ତ ଜନତା ! କବିରାଜ ଶ୍ରୀଜୟଦେବଙ୍କ ରୁଚିର ପଦ୍ୟାବଳୀ, ଶ୍ରୀହରିଙ୍କ ଚରଣ ସ୍ମରଣ କରାଇ କଳିଯୁଗର ପାପତାପ ଖଣ୍ଡନ କରିବା ସଙ୍ଗେ ସଙ୍ଗେ ଅମୃତତ୍ୱ ପ୍ରଦାନ କରୁଛି। ତୁମେମାନେ ସେହି ହରିଚରଣାମୃତ ପାନକରି ନିଜନିଜର ହୃଦୟକୁ ଦୟାପରିପୂର୍ଣ୍ଣ କର।

*Hold these words of Jaẏadeva in Your hearts with empathy, O devotees of Hari, the meditation on whose feet is the elixir that wards off the sinful sickness of His dark age of Kaḷi*



*ରଚୟ କୁଚୟୋଃ ପତ୍ରଂ ଚିତ୍ରଂ କୁରୁଷ୍ୱ କପୋଳୟୋ-*
*ର୍ଘଟୟ ଜଘନେ କାଞ୍ଚୀମୁଞ୍ଚ ସ୍ରଜା କବରୀଭାରମ୍।*
*କଳୟ ବଳୟ-ଶ୍ରେଣୀଂ ପାଣୌ ପଦେ କୁରୁ ନୂପୁରା-*
*ବିତି ନିଗଦିତଃ ପ୍ରୀତଃ ପୀତାମ୍ବରୋଽପି ତଥାକରୋତ୍।*

---

ଯେତେକ ପ୍ରକାରେ ସେହି କହିଲା ସୁନ୍ଦରୀ।
ଅତି ଉତ୍ସୁକେ ସୁବେଶ କରନ୍ତି ମୁରାରି।
କୁଚ ଯୁଗଳେ କୁରଙ୍ଗନାଭି ପତ୍ରାବଳୀ।
ଗଣ୍ଡଦେଶେ ମକରୀ ରଚିଲେ ବନମାଳୀ।
ସାଜିଲେ ସୁକେଶବନ୍ଧେ କବରୀର ଗଭା।
ଯେସନେ ଗଗନେ ନୀଳ ଜଳଧର ଆଭା।
ତଥି ଆଚ୍ଛାଦିତ ପୁଷ୍ପ ତାରକା ପଟଳ।
ଫୁଟି କି ସେ ବିକାଶଇ ଗଗନ ମଣ୍ଡଳ।
ଖଞ୍ଜିଲେ ଭୁଜଯୁଗଳେ ମର୍କତ କଙ୍କଣ।
ପାଦେ ନୂପୁର ସାଜିଲେ ଶ୍ରୀରଙ୍ଗାଚରଣ।
ଯେମନ୍ତେ ବୋଇଲେ ରାଧା ନାଗରୀରତନ।
ଅନୁରୂପେ ସାଜେ ମଣ୍ଡିଦେଲେ ଜନାର୍ଦ୍ଦନ।

---

ହେ ପୀତାମ୍ବର ! ମୋ' ସ୍ତନମଣ୍ଡଳରେ ପତ୍ରାବଳୀ ରଚନା କର। ଗଣ୍ଡଦେଶରେ ଚିତ୍ର ଆଙ୍କିଦିଅ। ମୋ' ଜଘନଦେଶରେ ଚନ୍ଦ୍ରହାର ପିନ୍ଧାଇଦିଅ। ମୋ' ଜୁଡ଼ାରେ ଫୁଲମାଳ ମଣ୍ଡଣି କରି ସଜାଇଦିଅ। କରଯୁଗଳରେ ବଳୟ ଓ ପାଦରେ ନୂପୁର ଖଞ୍ଜିଦେଇ ମୋତେ ବେଶ କରିଦିଅ।
ଶ୍ରୀରାଧାଙ୍କ ବଚନ ଶୁଣି ତାଙ୍କ କହିବା ଅନୁସାରେ ଅତ୍ୟନ୍ତ ପ୍ରମୁଦିତ ହୋଇ ପୀତାମ୍ବର ଶ୍ରୀକୃଷ୍ଣ ଯଥାସ୍ଥାନରେ ବେଶ ରଚନା କରି ପ୍ରାଣପ୍ରିୟାକୁ ପରିତୁଷ୍ଟ କରାଇଲେ।

---

*Paint leaves on my breasts, put colour on my cheeks, lay a girdle on my hips, fix flowers on my braid, put bangles on my hands and jewelled anklets on my feet, she says. And her yellow-robed lover does with delight as he is told.*



*ଯଦ୍‌ଗାନ୍ଧର୍ବ-କଳାସୁ କୌଶଳମନୁଧ୍ୟାନଂ ଚ ଯଦ୍‌ବୈଷ୍ଣବଂ*
*ଯଚ୍ଛୃଙ୍ଗାରବିବେକତତ୍ତ୍ୱରଚନା କାବ୍ୟେଷୁ ଲୀଳାୟିତମ୍।*
*ତତ୍ ସର୍ବଂ ଜୟଦେବ-ପଣ୍ଡିତ-କବେଃ କୃଷ୍ଣୈକତାନାତ୍ମନଃ*
*ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ ଶ୍ରୀଗୀତଗୋବିନ୍ଦତଃ।*

---

ଶୁଣ ହେ ସୁଜନଜନେ ହୋଇଣ ହରଷ। ରାଧାମାଧବଙ୍କ ରସକେଳି ଏ ପ୍ରକାଶ।
ହରିଭକ୍ତି ଭାବରେ ଅଛଇ ଯେବେ ଧ୍ୟାନ। ସଙ୍ଗୀତ ସ୍ୱରୂପ ଲୀଳା ଜାଣିବାକୁ ମନ।
ଶୃଙ୍ଗାରରସତତ୍ତ୍ୱରେ ପୂରିତ ଏ ଗ୍ରନ୍ଥ। ସକଳ କାବ୍ୟିକ ଗୁଣେ ଏ ପରିପୂରିତ।
ଶ୍ରୀକୃଷ୍ଣ ପାଦପଙ୍କଜେ ସଦା କରି ଧ୍ୟାନ। କରିଛନ୍ତି ଜୟଦେବ ଏ କାବ୍ୟ ରଚନ।
ସାନନ୍ଦେ ପିଅ ରସିକେ ଏ ଅମୃତ ଧାର। କଳିକଳୁଷ ବିନାଶି ଭବୁଁ ହେବ ପାର।

---

ହେ ସୁଧୀବୃନ୍ଦ ! ଗୋତଗୋବିନ୍ଦରେ ଗାନ୍ଧର୍ବକଳା-କୌଶଳ ପରିପୂର୍ଣ୍ଣମାତ୍ରାରେ ରହିଛି ଅର୍ଥାତ୍ ନୃତ୍ୟ, ଗୀତ ଓ ବାଦ୍ୟ ସମାବେଶରେ ରାଗରାଗିଣୀର ସହିତ ଗୀତଗୋବିନ୍ଦର ପ୍ରବନ୍ଧ (ଗାଥା) ଓ ଶ୍ଳୋକଗୁଡ଼ିକ ଗାନ କରିବାର ବ୍ୟବସ୍ଥା ରହିଛି। ତତ୍‌ବ୍ୟତୀତ ବିଷ୍ଣୁଙ୍କ ସମ୍ବନ୍ଧୀୟ ସକଳ ତତ୍ତ୍ୱ ଏଥିରେ ବର୍ଣ୍ଣିତ ହୋଇଛି। ଆହୁରି ମଧ୍ୟ ଶୃଙ୍ଗାରରସର ବିଭବ ଅନୁଭବ ଓ ସଞ୍ଚାରୀଭାବ ତଥା ବିପ୍ରଲମ୍ଭ ଓ ସମ୍ଭୋଗର ବିବେଚନା ଏଥିରେ ସୁଚାରୁରୂପେ ବର୍ଣ୍ଣନା କରାଯାଇଛି। କେବଳ ସେତିକି ନୁହେଁ, କାବ୍ୟରଚନାରେ ଯାବତୀୟ କବିପ୍ରସିଦ୍ଧି ତଥା କବିକର୍ମ ପ୍ରତି ଗୀତବୋଗିନ୍ଦରେ ଦୃଷ୍ଟି ଦିଆଯାଇଛି। ଅର୍ଥାତ୍ କାବ୍ୟିକଚାରୁତା-ରୀତି, ଗୁଣ ଓ ଅଳଙ୍କାର ଯୋଜନାରେ ଗୀତଗୋବିନ୍ଦକୁ ଖଣ୍ଡିଏ ଅନବଦ୍ୟ କାବ୍ୟ ପୁସ୍ତକରେ ପରିଣତ କରାଯାଇଛି।

ହେ ସୁଧୀବୃନ୍ଦ ! କବିରାଜ ଜୟଦେବ ଶ୍ରୀକୃଷ୍ଣଙ୍କ ପ୍ରତି ଐକାନ୍ତିକ ଭକ୍ତିଭାବ ପ୍ରଦର୍ଶନ କରି, ରାଧାମାଧବଙ୍କ ଲୀଳାବର୍ଣ୍ଣନାରେ ଅତ୍ୟନ୍ତ ସଫଳତା ଭାବକରିଛନ୍ତି। ତେଣୁ ଗୀତଗୋବିନ୍ଦ କାବ୍ୟରୁ, ଗାନ୍ଧର୍ବୀକଳା, ବୈଷ୍ଣବୀ ଲୀଳା, ଶୃଙ୍ଗାର-ରସଚାତୁରୀ, କାବ୍ୟିକ ଚିନ୍ତାଧାରା ତଥା ଶ୍ରୀକୃଷ୍ଣଙ୍କ ପ୍ରତି ଅନନ୍ୟ ଭକ୍ତି ଆଦି ସକଳ ବିଷୟ ଜାଣିବାରେ ସଫଳକାମ ହୁଅ।

---

*The sense of music, Ihe knowledge of dance, the meditation on Vishnu, the depth of sensuous mood and the skills of poetic art in this poem all show that the master-poet Jayadcva's soul is in perfect tune with Krsna. O knowledgeable devotees, purify the world by singing His Gita Govinda.*



*ସାଧ୍ୱୀ ମାଧ୍ୱୀକ ଚିନ୍ତା ନ ଭବତି ଭବତଃ ଶର୍କରେ କର୍କରାସି*
*ଦ୍ରାକ୍ଷେ ଦ୍ରକ୍ଷ୍ୟନ୍ତି କେ ତ୍ୱାମମୃତ ମୃତମସି କ୍ଷୀର ନୀରଂ ରସସ୍ତେ।*
*ମାକନ୍ଦ କ୍ରନ୍ଦ କାନ୍ତାଧରଧରଣିତଳଂ ଗଚ୍ଛ ଯଚ୍ଛନ୍ତି ଯାବଦ୍*
*ଭାବଂ ଶୃଙ୍ଗାର-ସାରସ୍ୱତମୟ ଜୟଦେବସ୍ୟ ବିଷ୍ୱଗ୍‌ବଚାଂସି।*

ହେ ମାଧ୍ୱୀକ! କିମ୍ପାଇଁ ଭାବୁଛ ରାତ୍ରଦିନ। ନୋହିବ କେବେ ହେ ଗୀତଗୋବିନ୍ଦ ସମାନ।
ଶର୍କରେ! ତୋ ସ୍ୱାଦୁ ହେବ ତିକ୍ତ ଆସ୍ୱାଦନେ। ଯାବତ ପ୍ରସରେ ଗୀତଗୋବିନ୍ଦ ଗାୟନେ।
ନ ଚାହିଁବେ ଆଉ ନେତ୍ରେ ଦ୍ରାକ୍ଷା ଫଳେ କେହି। ତୃପ୍ତ ହେବେ ଜନେ ସଦା ଏହୁ ଗାଥା ଗାଇ।
ଅମୃତ! ତୋ ନାମ ଭବେ ନ ରହିବ ଆଉ। କେ ସୁଧାପାନ ଇଚ୍ଛିବେ ଏହୁ ଗୀତ ଥାଉଁ।
କ୍ଷୀର ନୀର ପରି ଜନେ ହେବୁ ଅନାଦୃତ। ସୁଜନେ ପାନ କରିବେ ଏ ଗୀତ ଅମୃତ।
ହେ ରସାଳଫଳ। ଆଉ ନ କର କ୍ରନ୍ଦନ। ନ ଗଣିବେ ତୁମ୍ଭଙ୍କୁ କେ ଏ ଗୀତ ସମାନ।
କାମିନୀ ଅଧରାମୃତ! ଯାଅ ରସାତଳେ। ଶ୍ରୀ ଗୀତଗୋବିନ୍ଦ ଗାଥା ଯାବତ ପ୍ରସରେ।
ରାଧା-ମାଧବଙ୍କ ଲୀଳା ଏ ଗୀତଗୋବିନ୍ଦ। ନିତି ଗାନ କରି ଜନେ ଲଭନ୍ତୁ ଆନନ୍ଦ।

ହେ ମଧୁରସପୂର୍ଣ୍ଣ ମଦିରେ ! ତୁମେ ଜୟଦେବଙ୍କ ଗୀତଗୋବିନ୍ଦ କାବ୍ୟର ମାଦକତାକୁ ବଳିଯିବା ପାଇଁ ଆଦୌ ବୃଥା ଚିନ୍ତା କରନାହିଁ। ହେ ଶର୍କରେ ! ତୁମ ସ୍ୱାଦୁ ଗୀତଗୋବିନ୍ଦର ତୁଳନାରେ ନିତାନ୍ତ ତିକ୍ତ। ହେ ଦ୍ରାକ୍ଷେ ! ଅମୃତମୟ ଫଳ ରୂପେ ତୁମେ ଆଜିସୁଦ୍ଧା ଜନମାନସକୁ ତୃପ୍ତ କରିଆସିଛ; କିନ୍ତୁ ଏ ଗୀତଗୋବିନ୍ଦ ରୂପକ ଅମୃତରସ ପାନ କରିବା ପରେ ତୁମକୁ ଆଉ ପଚାରିବ କିଏ ? ହେ ଅମୃତ ! ତୁମେ ଆଉ ଅମୃତ ହୋଇ ନାହଁ, ତୁମର ମୃତ୍ୟୁ ହୋଇଗଲାଣି। ହେ ଦୁଗ୍ଧ ! ତୁମେ ଅମୃତମୟ ପାନୀୟ ରୂପେ ଜନସମାଜରେ ଆଦୃତ ହୋଇଛ, କିନ୍ତୁ ଗୀତଗୋବିନ୍ଦର ଅମୃତମୟ ରସ ତୁଳନାରେ ତୁମେ କେବଳ ଜଳରେ ପରିଣତ ହୋଇଗଲଣି। ହେ ପକ୍ୱରସଯୁକ୍ତ ସୁସ୍ୱାଦୁ ଫଳ ! ତୁମେମାନେ ଆଉ କ୍ରନ୍ଦନ କରନାହିଁ। କାନ୍ଦି କାନ୍ଦି ଥକିଗଲେ ମଧ ତୁମେମାନେ ଗୀତଗୋବିନ୍ଦର ସମକକ୍ଷ ହୋଇପାରିବ ନାହିଁ। ପ୍ରଣୟନିର ସୁଧାତୁଲ୍ୟ ଅଧର ! ଗୀତଗୋବିନ୍ଦରୁ ରସ ଗ୍ରହଣ ନକରି, ତୁମଆଡ଼କୁ କେହି ଆଉ ମୁଗ୍‌ଧ ଦୃଷ୍ଟିରେ ଦୃକ୍‌ପାତ କରିବ କାହିଁକି ? ତେଣୁ ତୁମର ସ୍ଥାନ ଆଉ ଅବନୀମଣ୍ଡଳରେ ନାହିଁ। ତୁମେ ଆତ୍ମମର୍ଯ୍ୟାଦାର ସଂରକ୍ଷଣ ପାଇଁ ରସାତଳକୁ ଗମନକର। ଶ୍ରୀଜୟଦେବ କବିରାଜଙ୍କ ଶୃଙ୍ଗାର-ସାରସ୍ୱତ-ଭାବପୂର୍ଣ୍ଣ ଆଦରଣୀୟ କାବ୍ୟ ଯେତେଦିନ ଯାଏଁ ଜନମୁଖରେ ଗୀତହେଉଥିବ, ସେତେଦିନ ପର୍ଯ୍ୟନ୍ତ ଲୋକସମାଜରେ ସୁପରିଚିତ ସମସ୍ତ ମଧୁର ଆସ୍ୱାଦନ ନୀରସ ତଥା ବ୍ୟର୍ଥତାରେ ପରିଣତ ହେଉଥିବ।

*O sweet wine! Do not presume to exceed the intoxicating ability of Jayadeva's creation. Even the sweetness of sugar will appear bitter in comparison with it; the taste of grapes will pale into insignificance and the milk will appear as common water. The sṛṅgārarasa of this work has already caused the death of nectar itself which is supposed to give eternal life. As long as this work is alive in the minds of the people, all other sweet-tasting things will lose their value.*






EXT-166




